## ଖୋର୍ଦ୍ଧାରେ ୨୨ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୧୮।୭: ଖୋର୍ଦ୍ଧା ଜିଲା(ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଶନିବାର ୨୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଲୁଗାଁର ୪, ଟାଙ୍ଗୀର ୭, ମେଣ୍ଢାଶାଳର ୧, ବାଲିପାଟଣାର ୧, ବୋଲଗଡ଼ର ୨, ବେଗୁନିଆର ୨, ଖୋର୍ଦ୍ଧାର ୨, ଜଟଣୀର ୨ ଓ ବାଲକାଟୀର ଜଣେ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଜିଲାରେ ୨୦୮ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

# କରୋନାଠୁ ବଳିଗଲା ବିଏମ୍‌ସିର ଅବହେଳା

### ବଦଳି ପରେ ମୁରବୀଶୂନ୍ୟ

- ନୂଆ ସ୍ଥାନରେ ଯୋଗଦେଉ ନାହାନ୍ତି ୱାର୍ଡ ଅଫିସର
- ନାନା ସମସ୍ୟାରେ ଅଣନିଃଶ୍ୱାସୀ ୱାର୍ଡବାସୀ
- ଲୋକଙ୍କ ଭଲମନ୍ଦ ବୁଝିବାକୁ କେହିନାହିଁ

ଭୁବନେଶ୍ୱର,୧୮।୭

ରାଜଧାନୀରେ ବର୍ତ୍ତମାନ କରୋନା ହୁହୁ ହୋଇ ମାଡ଼ି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୋଟ ୬୭ ୱାର୍ଡ ମଧ୍ୟରୁ ପାଖାପାଖି ୫୦ଟିରେ ଏହି ମହାମାରୀ ଠାବ ହୋଇସାରିଲାଣି। ବର୍ତ୍ତମାନ କରୋନାକୁ ନେଇ ୱାର୍ଡବାସୀ ନାନା ଭୟ ଓ ଆଶଙ୍କା ଭିତରେ ରହୁଛନ୍ତି। ଏପରିସ୍ଥିତିରେ ବିଏମ୍‌ସି ମୁଖ୍ୟାଳୟ ସମେତ ବିଭିନ୍ନ ୱାର୍ଡ ଅଫିସରଙ୍କ ବଦଳି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ନୂଆ ଅଫିସରଙ୍କ ଦେଖା ମିଳୁ ନ ଥିବାବେଳେ ୱାର୍ଡବାସୀଙ୍କ ସମସ୍ୟା ବୁଝିବାକୁ କେହିନାହାନ୍ତି। ଫୋନ୍ କଲେ କିଏ ରିସିଭ୍ କରୁନାହାନ୍ତି ତ ଆଉକିଏ ଦାୟିତ୍ୱରେ ନ ଥିବା କହି କଲ୍ କାଟିଦେଉଛନ୍ତି। ଏପଟେ କରୋନା କଟକଣା ପାଇଁ ବିଏମ୍‌ସି ଅଫିସ୍‌କୁ ଯିବା ବି ସମ୍ଭବ ହେଉନି। ଫଳରେ ବିଏମ୍‌ସିର ଅଧିକାଂଶ ୱାର୍ଡ ଏବେ ଏକପ୍ରକାର ମୁରବୀଶୂନ୍ୟ ହୋଇପଡିଛି। ନାନା ସମସ୍ୟାରେ ୱାର୍ଡବାସୀ ଅଣନିଃଶ୍ୱାସୀ ହୋଇପଡିଥିବାବେଳେ ବିଏମ୍‌ସିର ଏଭଳି ଅବହେଳା କରୋନା କଷ୍ଟଠୁ ବଳିଯାଇଛି।

ପୌର ନିର୍ବାଚନ ହୋଇ ନ ଥିବାରୁ ଦେଢ଼ବର୍ଷ ତଳୁ କାଉନ୍‌ସିଲରଙ୍କ କ୍ଷମତା ଚାଲିଗଲାଣି। ଜନପ୍ରତିନିଧି ନ ଥିବାରୁ ଲୋକଙ୍କ ଭଲମନ୍ଦି ବୁଝି ଆବଶ୍ୟକ ସେବା ଯୋଗାଇବା ପାଇଁ ବିଏମ୍‌ସି ପକ୍ଷରୁ ୱାର୍ଡ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇଛି। ହେଲେ ଅଧିକାରୀଙ୍କ ଅବହେଳାକୁ ନେଇ ସବୁଠୁ ଅଭିଯୋଗ ହୋଇ ଆସୁଛି। ଏବେ କରୋନା ସମୟରେ ବି ଅଧିକାଂଶ ୱାର୍ଡ ଅଫିସରଙ୍କର ଦେଖା ମିଳୁନି। ଲୋକେ ସମସ୍ୟା ଜଣାଇବାକୁ କାହାକୁ ପାଉନାହାନ୍ତି। ଅଭିଯୋଗ ବଢୁଥିବାବେଳେ କାର୍ଯ୍ୟାନୁଷ୍ଠାନ ବଦଳରେ ହଠାତ୍ କିଛିଦିନ ତଳେ ୩୩ଜଣ ୱାର୍ଡ ଅଫିସରଙ୍କୁ ବଦଳି କରାଯାଇଛି। ହେଲେ ଅଧିକାଂଶ ୱାର୍ଡରେ ନୂଆ ଅଫିସର କାର୍ଯ୍ୟରେ ଯୋଗଦେଇନାହାନ୍ତି। କରୋନା ମୁକାବିଲାରେ ୱାର୍ଡ ଅଫିସରଙ୍କର ଗୁରୁଦାୟିତ୍ୱ ରହୁଛି। ନମୁନା ସଂଗ୍ରହ, ପରୀକ୍ଷା, ଆକ୍ରାନ୍ତଙ୍କ ଡାଟାବେସ୍ ପ୍ରସ୍ତୁତ କରିବା ସହ ସେମାନଙ୍କୁ ହସ୍ପିଟାଲ ପହଞ୍ଚାଇବା ଏବଂ ବିଏମ୍‌ସି ଦ୍ୱାରା ଘୋଷିତ ଆବଦ୍ଧାଞ୍ଚଳବାସୀଙ୍କ ଭଲମନ୍ଦ ବୁଝିବା ଆଦି ବହୁ ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥିସହ ୱାର୍ଡବାସୀଙ୍କ ଦୈନନ୍ଦିନ ସମସ୍ୟାର ସମାଧାନ ମଧ୍ୟ ଅଫିସରମାନେ କରିଥାନ୍ତି। ହେଲେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଅଫିସରଙ୍କ କାର୍ଯ୍ୟକଳାପକୁ ନେଇ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ବିଏମ୍‌ସିର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି, କରୋନା ସମୟରେ ବଦଳି ନିର୍ଦ୍ଦେଶକୁ ଅନେକ ୱାର୍ଡ ଅଫିସର ଗ୍ରହଣ କରିପାରି ନାହାନ୍ତି। ହେଲେ ବିଏମ୍‌ସିର ନିର୍ଦ୍ଦେଶକୁ ଅବମାନନା କରିବାର କ୍ଷମତା ନ ଥିବାରୁ ସେମାନେ ନାନା ବାହାନା ଦେଖାଇ ନୂଆ ସ୍ଥାନରେ ଯୋଗଦେବାରେ ବିଳମ୍ବ କରୁଛନ୍ତି। ସେହିଭଳି ନୂଆ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାରେ ପଛଘୁଞ୍ଚା ଦେଉଛନ୍ତି। ଏନେଇ ମଧ୍ୟ ବିଏମ୍‌ସିରେ ବୈଠକ ବସି ଆଲୋଚନା ହୋଇ ନିର୍ଦ୍ଦେଶନାମାରେ କିଛିଟା ପରିବର୍ତ୍ତନ କରାଯାଇଥିବା ସେ କହିଛନ୍ତି। ଅନ୍ୟଜଣେ ଅଧିକାରୀ କହିଛନ୍ତି, ଏଠାରେ ଏବେ ସଂକ୍ରମଣ ବ୍ୟାପୁଛି। ଏହି ସମୟରେ ଅନ୍ୟ ୱାର୍ଡକୁ ବଦଳି ସମସ୍ୟା ସୃଷ୍ଟି କରିଛି। ୱାର୍ଡବାସୀ ମଧ୍ୟ ନୂଆ ୱାର୍ଡ ଅଫିସରଙ୍କ ଯୋଗାଯୋଗ ନମ୍ବର ଜାଣି ନ ଥିବାରୁ ସମସ୍ୟା ଜଣାଇପାରୁ ନାହାନ୍ତି।

ତେବେ ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ମଲ୍ଲିକ କହିଛନ୍ତି, କିଛି ୱାର୍ଡ ଅଫିସରଙ୍କ ଦେହ ଖରାପ ଥିବାରୁ ବଦଳି ସ୍ଥାନରେ ଯୋଗ ଦେଇପାରିନାହାନ୍ତି। ଅନ୍ୟ ସମସ୍ତେ ନିଜ କାମ ତୁଲାଉଛନ୍ତି। ବିଏମ୍‌ସି ଅଞ୍ଚଳରେ ସମସ୍ତେ କାମ କରୁଥିବାରୁ କୌଣସି ୱାର୍ଡ କୌଣସି ଅଧିକାରୀଙ୍କୁ ଅଚିହ୍ନା ନୁହେଁ। ତେଣୁ ୱାର୍ଡ ଅଫିସରମାନେ ଆଉ ବିଳମ୍ବ ନ କରି କାର୍ଯ୍ୟରେ ଯୋଗଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଅଗ୍ନିଶମ କର୍ମଚାରୀ ଦେବେ ପ୍ଲାଜ୍‌ମା

କଟକ ଅଫିସ,୧୮।୭

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ଲାଜ୍‌ମା ଥେରାପି ଆରମ୍ଭ କରିଛନ୍ତି। କରୋନା ଭୂତାଣୁରୁ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କଠାରୁ ପ୍ଲାଜ୍‌ମା ନେଇ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ଏଥିପାଇଁ କରୋନାକୁ ହରାଇଥିବା ଲୋକେ ପ୍ଲାଜ୍‌ମା ଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପ୍ଲାଜ୍‌ମା ଦାନ କରିବା ପାଇଁ ଆଗେଇ ଆସିଛନ୍ତି। ପ୍ରଥମେ ୧୦ ଜଣ କର୍ମଚାରୀ ପ୍ଲାଜ୍‌ମା ଦେବା ପାଇଁ ରାଜି ହୋଇଥିବା ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ଏମାନେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ଲାଜ୍‌ମା ଦାନ କରିବେ ବୋଲି ସେ କହିଛନ୍ତି। ସାମୁଦ୍ରିକ ବାତ୍ୟା 'ଅମ୍ଫନ' ପଶ୍ଚିମବଙ୍ଗରେ କ୍ଷତି ଘଟାଇବା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଓଡ଼ିଶା ଅଗ୍ନିଶମ ବାହିନୀର ୩୭୨ ଜଣ କର୍ମଚାରୀ ସେଠାକୁ ଯାଇଥିଲେ। ସେଥିରୁ ୧୯୨ ଜଣ ପଜିଟିଭ ଓ ୧୮୦ ଜଣ ନେଗେଟିଭ ବାହାରିଥିଲେ। ଧୀରେଧୀରେ ସମସ୍ତ ଆକ୍ରାନ୍ତ ସୁସ୍ଥ ହୋଇସାରିଛନ୍ତି।

## ସଂକ୍ଷେପରେ

### ୩୧ ଯାଏ ୪ ଜିଲା, ରାଉରକେଲାରେ କୋର୍ଟ ବନ୍ଦ
### ଜରୁରୀ ମାମଲାର ହେବ ଭର୍ଚୁଆଲ ଶୁଣାଣି

**କଟକ ଅଫିସ,୧୮।୭:** ରାଜ୍ୟର ଖୋର୍ଦ୍ଧା, ଗଞ୍ଜାମ, କଟକ, ଯାଜପୁର ପରି ୪ଟି ଜିଲା ଓ ରାଉରକେଲା ପୌରାଞ୍ଚଳକୁ ସରକାର ହଟ୍‌ସ୍ପଟ୍ ଭାବେ ଘୋଷଣା କରିଛନ୍ତି। ଏଠାରେ ଜୁଲାଇ ୩୧ ପର୍ଯ୍ୟନ୍ତ ଲକ୍‌ଡାଉନ ଜାରି କରାଯାଇଛି। ତେଣୁ ସେ ପର୍ଯ୍ୟନ୍ତ ଏହି ଅଞ୍ଚଳର ଜିଲା କୋର୍ଟ, ତଳକୋର୍ଟ ଓ ଟ୍ରିବ୍ୟୁନାଲ୍‌ଗୁଡ଼ିକ ବନ୍ଦ ରହିବ। ଶନିବାର ହାଇକୋର୍ଟର ଫୁଲ୍‌କୋର୍ଟରେ ଏହି ନିଷ୍ପତ୍ତି ହୋଇଛି। ଏହି ସମୟରେ କେବଳ ଅତି ଜରୁରୀ ମାମଲାର ଶୁଣାଣି ହୋଇପାରିବ। ଶୁଣାଣିର ଆବଶ୍ୟକତା ନେଇ ଜିଲାଜଜ୍ ନିଷ୍ପତ୍ତି ନେବେ। କେବଳ ଭର୍ଚୁଆଲ୍ ମୋଡ୍ (ଭିଡିଓ କନଫରେନ୍ସ) ଜରିଆରେ ଶୁଣାଣି ହେବ। ଏଥିପାଇଁ କୋର୍ଟର ସର୍ବନିମ୍ନ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଅନ୍ୟପକ୍ଷରେ ହାଇକୋର୍ଟରେ ମଧ କେବଳ ଜରୁରୀ ମାମଲାର ଶୁଣାଣି ହେବ। ସୀମିତ ସଂଖ୍ୟକ ବିଚାରପତି ନିୟୋଜିତ ହେବେ। ରୋଷ୍ଟର୍ ଡ୍ୟୁଟିରେ ଭର୍ଚୁଆଲ୍ ମୋଡ୍‌ରେ ଶୁଣାଣି ହେବ। ମୁଖ୍ୟ ବିଚାରପତି ଏ ନିଷ୍ପତ୍ତି ନେବେ। ଆଇନଜୀବୀ ଓ ମହକିଲଙ୍କୁ ଏଥିପାଇଁ ଡେପୁଟି ରେଜିଷ୍ଟ୍ରାର୍ (ଜୁଡିସିଆଲ୍)ଙ୍କ ନିକଟରେ ଆଗୁଆ ଆବେଦନ କରିବାକୁ ହେବ। ଲକ୍‌ଡାଉନରେ କେବଳ ଇ-ଫାଇଲିଂ ଏବଂ ଇ-ମେଲ୍ ଜରିଆରେ ହିଁ ନୂଆ ମାମଲା ପାଇଁ ଆବେଦନ ଗ୍ରହଣ କରାଯିବ। ହାଇକୋର୍ଟ, ଜିଲା କୋର୍ଟ, ତଳକୋର୍ଟ ଏବଂ ଟ୍ରିବ୍ୟୁନାଲର କାର୍ଯ୍ୟ ଅତି ସୀମିତ ରହୁଥିଲେ ମଧ କର୍ମଚାରୀଙ୍କୁ ମୁଖ୍ୟାଳୟ ଛାଡ଼ି ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ରେଜିଷ୍ଟ୍ରାର୍ ଜେନେରାଲ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

### ବାଲୁଗାଁ ମାଛ ମାର୍କେଟ ୭ଦିନ ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୮।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଲୁଗାଁ ମାଛ ମାର୍କେଟର ଜଣେ ମତ୍ସ୍ୟ ବ୍ୟବସାୟୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଶନିବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଏହି ମାଛ ମାର୍କେଟକୁ ୭ଦିନ ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ଠାରୁ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଆକ୍ରାନ୍ତ ମତ୍ସ୍ୟ ବ୍ୟବସାୟୀଙ୍କ ଗୋଦାମରେ ଥିବା ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚିଙ୍ଗୁଡି ନଷ୍ଟ କରାଯାଇଛି। ଏହା ସହିତ ତାଙ୍କର ୨ଟି ମାଛ ଗୋଦାମ ଓ ୩ଟି ବରଫ କଳକୁ ସିଲ୍ କରାଯାଇଛି। ମାଛ ମାର୍କେଟ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ଆକ୍ରାନ୍ତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବା ସହ ତାଙ୍କ ପରିବାରବର୍ଗଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଶୁକ୍ରବାର ସମ୍ପୃକ୍ତ ମତ୍ସ୍ୟ ବ୍ୟବସାୟୀଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଥିଲା। ଶନିବାର ଜିଲାପାଳ ଶୀତାଂଶୁ ରାଉତ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଅଶୋକ ବେଉରିଆ, ଡିଏସ୍‌ପି ସତୀଶ ପାଢୀ, ଚିଲିକା ତହସିଲଦାର ପୁନମ ମହାପାତ୍ର, ବାଲୁଗାଁ ଏସ୍‌ଡିପିଓ ସୁରେଶ କୁମାର ଦାଶ, ଆଇଆଇସି ରମାକାନ୍ତ ମାହାଳିକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ପ୍ରମୁଖ ବାଲୁଗାଁ ମାଛ ମାର୍କେଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗୋଦାମ ସିଲ୍ କରିଥିଲେ।


ପୁରୀ ଶ୍ରୀମନ୍ଦିର ଆକାଶରେ ଶନିବାର ସନ୍ଧ୍ୟା ସମୟର ଦୃଶ୍ୟ।

## କୋଭିଡ୍ ଯୋଦ୍ଧାଙ୍କୁ ନିମ୍ନମାନର ଖାଦ୍ୟ

- ଖାଦ୍ୟରୁ ପୋକ, ରବର ବ୍ୟାଣ୍ଡ ବାହାରୁଥିବା ଅଭିଯୋଗ
- ସିଡିଏମ୍‌ଓଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ପୁରୀ ଅଫିସ,୧୮।୭

ମହାମାରୀ କରୋନା ବିରୋଧରେ ଚାଲିଛି ଲଢ଼େଇ। ଏହି ଲଢ଼େଇରେ ଆଗରେ ରହିଛନ୍ତି ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ। ଏମାନେ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି କରୋନା ବିରୋଧରେ ସଂଗ୍ରାମ ଚଳାଇଛନ୍ତି। ହେଲେ ଏହି ଯୋଦ୍ଧାଙ୍କ ପ୍ରତି ଅଣଦେଖା କରାଯାଉଛି। ଏପରି କି ସେମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ଉଠିଛି। ଏପରି କି ଖାଦ୍ୟରୁ ଚୁଟି, ରବର ବ୍ୟାଣ୍ଡ, ପୋକ ବାହାରୁଥିବା ନେଇ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଜଣାଇଛନ୍ତି।

ଶ୍ରୀଜଗନ୍ନାଥ ମେଡିକାଲ କୋଭିଡ୍ କେୟାର ସେଣ୍ଟର, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଆଇଡିଏଚ୍ କୋଭିଡ୍ ହସ୍ପିଟାଲର ଷ୍ଟାଫ୍‌ଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ତିନୋଟି କେନ୍ଦ୍ରର ଷ୍ଟାଫ୍‌ମାନେ ସିଡିଏମ୍‌ଓଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସେମାନଙ୍କୁ ଯେଉଁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଖାଦ୍ୟ ଯୋଗାଉଛନ୍ତି ତାହା ଅତ୍ୟନ୍ତ ନିମ୍ନମାନର। ସେହି ଖାଦ୍ୟ ସ୍ୱାସ୍ଥ୍ୟପ୍ରଦ ନୁହେଁ। ଖାଦ୍ୟ ଅଣାଯିବା ବେଳେ ଏହାକୁ ଘୋଡ଼ାଯାଉ ନାହିଁ। ଅନେକ ସମୟରେ ଖାଦ୍ୟରୁ ଚୁଟି, ରବର ବ୍ୟାଣ୍ଡ, ପୋକ ବାହାରୁଛି। ଅନେକ କର୍ମଚାରୀଙ୍କୁ ଖାଦ୍ୟ ଠିକ୍‌ରେ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। କେବଳ କୋଭିଡ୍ ଯୋଦ୍ଧାଙ୍କ ସହିତ ଏପରି ଘଟୁଛି ତାହା ନୁହେଁ କରୋନା ପଜିଟିଭଙ୍କ କ୍ଷେତ୍ରରେ ବି ସମାନ ପ୍ରକାର ଘଟଣା ଘଟୁଛି। ସେମାନେ ବି ଅଭିଯୋଗ କରିବା ଆରମ୍ଭ କଲେଣି ବୋଲି ଅଭିଯୋଗପତ୍ରରେ କୋଭିଡ୍ ଯୋଦ୍ଧା ଦର୍ଶାଇଛନ୍ତି। ତେଣୁ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରି ଏହାର ସମାଧାନ କରନ୍ତୁ ବୋଲି ସେମାନେ ସିଡିଏମ୍‌ଓଙ୍କୁ ଅନୁରୋଧ କରିଛନ୍ତି।


ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ।

# ବାପାଙ୍କୁ ହତ୍ୟାକଲେ ଡାକ୍ତର ପୁଅ

### ରାଜଧାନୀରେ ଚାଞ୍ଚଲ୍ୟ

- ମୃତକ ହେଲେ କୃଷିବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ
- ଅଭିଯୁକ୍ତ ପୁଅ ଗିରଫ, ଜେଲ୍ ଗଲେ
- ବ୍ୟବଚ୍ଛେଦ ରିପୋର୍ଟ ପରେ ପର୍ଦ୍ଦାଫାଶ

ଭୁବନେଶ୍ୱର,୧୮।୭ (ବ୍ୟୁରୋ)

ସନ୍ଦେହରୁ ପାରିବାରିକ ଅଶାନ୍ତି। ସ୍ଥିତି ଏପରି ହେଲା ଶେଷରେ ବାପାଙ୍କୁ ବିଧାମାରି ହତ୍ୟାକଲେ ଡାକ୍ତର ପୁଅ। ଖଣ୍ଡଗିରି ଥାନା ଅନ୍ତର୍ଗତ ଜଗମୋହନ ନଗରରେ ଏଭଳି ଏକ ସ୍ୱର୍ଶକାତର ଘଟଣା ଘଟିଛି। ମୃତକ ହେଲେ କୃଷି ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ରାଜକିଶୋର ମିଶ୍ର (୭୩)। ପୋଲିସ ଆଇପିସି ଦଫା ୩୦୨ରେ ହତ୍ୟା ମାମଲା (ନଂ.୪୧୬/୨୦) ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ସେ ହେଲେ ଡା. ରଞ୍ଜନ ମିଶ୍ର(୪୧)। ପୋଲିସ ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ସବୁଠୁ ବଡ଼ କଥା ହେଲା ଘଟଣା ୧୬ ତାରିଖରେ ଘଟିଥିବାବେଳେ ୩ଦିନ ପରେ ବ୍ୟବଚ୍ଛେଦ ରିପୋର୍ଟ ପର୍ଦ୍ଦାଫାଶ କରିଛି। ଏଥିସହ ଅଭିଯୁକ୍ତ ରଞ୍ଜନ ମଧ ସ୍ୱୀକାର କରିଛଥିବା ପୋଲିସ କହିଛି।

ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତ ରଞ୍ଜନ ଆୟୁଷ ଡାକ୍ତର ଭାବେ ବାଣପୁରରେ କାର୍ଯ୍ୟ କରନ୍ତି। ଅଧିକାଂଶ ସମୟ କାର୍ଯ୍ୟସ୍ଥଳ ବାଣପୁରରେ ରହୁଥିବାବେଳେ ଜଗମୋହନ ନଗରରେ ତାଙ୍କ ବାପା ରାଜକିଶୋର, ସ୍ତ୍ରୀ ଓ ୨ ପୁଅ ଘରେ ରୁହନ୍ତି। କରୋନା ପରିସ୍ଥିତି ଓ କୌଣସି କାରଣ ପାଇଁ ରଞ୍ଜନ ଏକ ମାସ ହେବ ଛୁଟିରେ ଆସି ଘରେ ରହୁଥିଲେ। ଏହି ସମୟରେ କୌଣସି ଏକ କାରଣକୁ ନେଇ ତାଙ୍କର ମାନସିକ ଚିନ୍ତା ବଢ଼ି ଯାଇଥିଲା। ତେଣୁ ସେ ଗତ ୯ ତାରିଖରେ ଚାକିରିରୁ ଇସ୍ତଫା ଦେଇ ଘରେ ରହିଥିଲେ। ଏହାମଧ୍ୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହୋଇଥିଲା। ରଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ମଧ ମାଡ଼ ମାରିଥିଲେ। ୧୬ ତାରିଖରେ ରଞ୍ଜନ ଓ ବାପା ରାଜକିଶୋର ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ରଞ୍ଜନ ଅତ୍ୟଧିକ ରାଗି ଯାଇ ବାପା ରାଜକିଶୋରଙ୍କ ଛାତିକୁ ୩ଟି ବିଧା ମାରିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶରୀରରେ କୌଣସି କ୍ଷତ ନ ଥିବାରୁ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ରଞ୍ଜନ ପୋଲିସକୁ କହିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ଶୁକ୍ରବାର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲା। ଛାତିରେ ୩ଟି ଗଭୀର ଆଘାତ ଯୋଗୁ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ଥିଲା। ପୋଲିସ ରଞ୍ଜନଙ୍କ ସହ ଭଉଣୀ ଓ ସ୍ତ୍ରୀଙ୍କୁ ପଚରାଉଚରା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା।

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ନିମାପଡ଼ା,୧୮।୭(ଡି.ଏନ.ଏ):** ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ବଳଙ୍ଗା ଥାନା ଅଞ୍ଚଳର ମନୋଜ ବେହେରା। ଗତ ୯ତାରିଖରେ ଉକ୍ତ ନାବାଳିକାଙ୍କୁ ମନୋଜ ଅପହରଣ କରିନେଇଥିବା ତାଙ୍କ ବାପା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୫୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପଟେ ନାବାଳିକାଙ୍କ ବାପା ମନୋଜଙ୍କ ବାପାଙ୍କୁ ପଚାରିବାରୁ ୧ଲକ୍ଷ ଟଙ୍କା ଦାବି କରିବା ସହ ବିଭିନ୍ନ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପରେ ପୋଲିସ ମନୋଜଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରି କୋର୍ଟ ନିର୍ଦ୍ଦେଶକ୍ରମେ ପୁରୀ ସିଡବ୍ଲ୍ୟୁସିକୁ ପଠାଇଛି। ହେଲେ ମନୋଜ ଫେରାର ଥିବାବେଳେ ଶୁକ୍ରବାର ସେ ଘରକୁ ଆସିଥିବା ପୋଲିସ ଜାଣିପାରି ରାତିରେ ଗିରଫ କରିଛି। ମନୋଜଙ୍କୁ ଶନିବାର ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରି କୋର୍ଟ ପଠାଇଥିଲା।

# ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

### ସମୀକ୍ଷା କଲେ ସଚିବ

- ଉଚିତ ସମୟରେ ଡିପିଆର୍ ଓ ବିନିଯୋଗ ପତ୍ର ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ
- ଆଗାମୀ ଦିନରେ ହେବ ଆଉ ୫ କ୍ଲଷ୍ଟର

ଭୁବନେଶ୍ୱର,୧୮।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ରାଜ୍ୟର ୫ଟି ପ୍ରକଳ୍ପକୁ ମଞ୍ଜୁର ମିଳିଛି। ସେଗୁଡ଼ିକ ମଧ୍ୟରେ ବରଗଡ଼ ରାଇସ୍ ବ୍ରାନ୍ କ୍ଲଷ୍ଟର, ଗଞ୍ଜାମ କାଜୁବାଦାମ କ୍ଲଷ୍ଟର, କଟକ-ଭୁବନେଶ୍ୱର ଫାର୍ମାସ୍ୟୁଟିକାଲ୍ କ୍ଲଷ୍ଟର, ବାଲେଶ୍ୱର ରାଇସ୍ ବ୍ରାନ୍ କ୍ଲଷ୍ଟର ଏବଂ ବଲାଙ୍ଗୀର ରାଇସ୍ ମିଲ୍ କ୍ଲଷ୍ଟର ରହିଛି। ଏଥିମଧ୍ୟରୁ ବରଗଡ଼ ରାଇସ୍ ବ୍ରାନ୍ କ୍ଲଷ୍ଟର, ଗଞ୍ଜାମ କାଜୁବାଦାମ କ୍ଲଷ୍ଟର ଏବଂ କଟକ-ଭୁବନେଶ୍ୱର ଫାର୍ମାସ୍ୟୁଟିକାଲ୍ କ୍ଲଷ୍ଟର କାର୍ଯ୍ୟ ସରିଛି। ବାକି କ୍ଲଷ୍ଟର କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଭର୍ଚୁଆଲ୍ ବୈଠକରେ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷାବେଳେ ଏନେଇ ସୂଚନା ଦିଆଯାଇଛି।

ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଙ୍କୁ ନେଇ ଆୟୋଜିତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ଶିଳ୍ପ ନିର୍ଦ୍ଦେଶକ ଜି. ରେଡ୍ଡି, ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଖଦି ଓ ଗ୍ରାମୋଦ୍ୟୋଗ କମିଶନର ନିର୍ଦ୍ଦେଶକ ଏସ୍.କେ. ମହାନ୍ତି, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶକ ପି.କେ. ସାହାଣୀ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହାବ୍ୟତୀତ ଆଗାମୀ ଦିନରେ ପାରାଦୀପର ଶୁଖୁଆ ମାଛ କ୍ଲଷ୍ଟର, ବରଗଡ଼ର ଇଥେନଲ୍ କ୍ଲଷ୍ଟର, ବଲାଙ୍ଗୀରର ରାଇସ୍ ମିଲ୍ କ୍ଲଷ୍ଟର, କଟକର ଇଞ୍ଜିନିୟରିଂ କ୍ଲଷ୍ଟର, ଭୁବନେଶ୍ୱରର ଅଟୋମୋବାଇଲସ୍ କ୍ଲଷ୍ଟର, ପାହାଳର ରସଗୋଲା କ୍ଲଷ୍ଟର ଏବଂ ଅନୁଗୋଳର ଫ୍ଲାଏ ଆସ୍ କ୍ଲଷ୍ଟର ହେବାର ରହିଛି। ଆଇଆଇଡି ସ୍କିମ୍‌ରେ ଖୋର୍ଦ୍ଧା, ରାୟଗଡ଼ା ଓ ପାରାଦୀପ ପାଇଁ ଅନ୍ତଃକରଣ ବିକାଶ ନିମନ୍ତେ ୩ଟି ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୩ଟି ପ୍ରକଳ୍ପର ଡିପିଆର୍ ଇଡ୍‌କୋ ଦ୍ୱାରା ଦାଖଲ କରାଯାଇଛି। ଜି.ଆଇ ଟ୍ୟାଗ୍ ନିମନ୍ତେ ରହିଥିବା ପ୍ରସ୍ତାବ ଉପରେ ଆନୁଷଙ୍ଗିକ ପଦକ୍ଷେପ ନେବାକୁ କୁହାଯାଇଛି। କିଛି ଜିଲା ଆଶାନୁରୂପକ ଭାବେ ମଞ୍ଜୁର ଅର୍ଥସହାୟତା ହିତାଧିକାରୀଙ୍କୁ ପ୍ରଦାନ କରିଥିବାବେଳେ ଅନ୍ୟ କିଛି ଜିଲା ନୈରାଶ୍ୟଜନକ ପ୍ରଦର୍ଶନ କରୁଛନ୍ତି। ଯଥାଶୀଘ୍ର ଏ ଦିଗରେ ଯତ୍ନବାନ ହେବାକୁ ପ୍ରମୁଖ ସଚିବ ତାଗିଦ୍ କରିଥିଲେ। ଲକ୍‌ଡାଉନ୍ ସମୟରେ ବାକି ପ୍ରକଳ୍ପର ଡିପିଆର୍‌ପ୍ରସ୍ତୁତ କାର୍ଯ୍ୟ ସାରିବାକୁ କହିଥିଲେ। ବିଶେଷକରି ବିଭିନ୍ନ ଶିଳ୍ପ କ୍ଲଷ୍ଟରଗୁଡ଼ିକରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିବାରୁ ସଚିବ ଶର୍ମା ଅସନ୍ତୋଷ ପ୍ରକାଶ କରିବା ସହ ଡିପିଆର୍ ଓ ବିନିଯୋଗ ପତ୍ର ଠିକ୍ ସମୟରେ ଦାଖଲ ନ କଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହି ବିଭାଗ 'ମୋ ସରକାର' ଅଧୀନରେ ଆସୁଥିବାରୁ ହିତାଧିକାରୀମାନଙ୍କଠାରୁ ଆସୁଥିବା ମତାମତ ଆଧାରରେ କାର୍ଯ୍ୟ କରିବାକୁ କୁହାଯାଇଥିଲା।


ସମୀକ୍ଷା ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ।

### ୩ନଂ. ୱାର୍ଡ କଣ୍ଟେନମେଣ୍ଟ ଜୋନ

ଖୋର୍ଦ୍ଧା ଅଫିସ,୧୮।୭

ଖୋର୍ଦ୍ଧା ପୌରାଞ୍ଚଳ ୩ନଂ. ୱାର୍ଡରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଶନିବାର ଜିଲାପାଳ ଶୀତାଂଶୁ କୁମାର ରାଉତ ଏହି ଅଞ୍ଚଳକୁ ୭୨ ଘଣ୍ଟା ଲାଗି କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଏହି ଜୋନକୁ ବାହାର ଲୋକେ ପ୍ରବେଶ କରିପାରିବେ ନାହିଁ। ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ଏହି ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ଲାଗି ବ୍ୟବସ୍ଥା କରାଯିବ।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.13-KUR-TRD-OT-2020-21, ତା.11.07.2020ରିଖ
କାର୍ଯ୍ୟର ନାମ: ଏକ ବର୍ଷ ପାଇଁ ହରିଦାସପୁର-ପାରାଦୀପ (BG Link) ର TRD ସମ୍ପତ୍ତି ର ରକ୍ଷଣାବେକ୍ଷଣ।
ଆନୁମାନିକ ମୂଲ୍ୟ (ଟଙ୍କାରେ): 1,21,24,823.84, EMD (ଟଙ୍କାରେ) : 2,10,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.04.08.2020 ରିଖ 1300 ଘଟିକା ରେ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD), ଖୋର୍ଦ୍ଧା ରୋଡ୍
PR-163/L/20-21

## ପୁରୀରେ ୩ କଣ୍ଟେନମେଣ୍ଟ ଜୋନ ଘୋଷଣା

ଶନିବାର ପୁରୀ ପୌରାଞ୍ଚଳର ୩ଟି ୱାର୍ଡ(୫, ୧୨ ଓ ୧୯ )ରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ୩ଟିକୁ ମିଶାଇ ପୌରାଞ୍ଚଳର ୯ଟି ସ୍ଥାନ ଏବେ ଆବଦ୍ଧ ଅଞ୍ଚଳ ରହିଛି। ଏହାସହ ୭ନଂ ୱାର୍ଡରେ ଥିବା କଣ୍ଟେନମେଣ୍ଟ ଜୋନକୁ ପ୍ରତ୍ୟାହାର କରାଯାଇଛି। ୫ ନମ୍ବର ୱାର୍ଡ ଗଦାଧର ସ୍କୁଲ ନିକଟ ସାଗର ପଡ଼ିଆ ନୂଆସାହି, ୧୨ ନମ୍ବର ୱାର୍ଡର ମାଟିମଣ୍ଡପ ସାହିର ନୂଆସାହି ଅଲେଇ ଲେନ୍ ଏବଂ ୧୯ ନମ୍ବର ୱାର୍ଡ ଭିଆଇପି ରୋଡ୍‌ର ଶ୍ରୀଜଗନ୍ନାଥ ବସ୍ତିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ଆବଦ୍ଧ ଅଞ୍ଚଳରୁ କେହି ବାହାରକୁ ଯିବେ ନାହିଁ କିମ୍ବା ବାହାର ଲୋକ ପ୍ରବେଶ କରିବେ ନାହିଁ।

# ଭୟ, ଆଶଙ୍କାରେ ସାହସୀ ଯୋଦ୍ଧା

**ଖାକିକୁ କରୋନା ଚିନ୍ତା**

- ବସ୍ତିରେ ରହୁଥିବା ପୋଲିସ କର୍ମଚାରୀଙ୍କୁ ନେଇ ଚିନ୍ତା
- ଅଧିକାଂଶ ବିନା ଗ୍ଲୋଭ୍ସ, ସାନିଟାଇଜରରେ କାର୍ଯ୍ୟ କରୁଛନ୍ତି
- ଜରିମାନା କାଟିବାବେଳେ ସଂକ୍ରମଣ ଆଶଙ୍କା



ଜରିମାନା କାଟିବା ସମୟରେ ବିନା ଗ୍ଲୋଭ୍ସରେ ଟଙ୍କା ସଂଗ୍ରହ କରୁଛି ପୋଲିସ।

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୮।୭ (ବ୍ୟୁରୋ)

କରୋନା ଲଢ଼େଇରେ ପ୍ରମୁଖ ଭୂମିକା ନେଉଛନ୍ତି ପୋଲିସ କର୍ମଚାରୀ। ଏମାନଙ୍କୁ ସାହସୀ ଯୋଦ୍ଧା କୁହାଯାଉଛି। ବିଶେଷକରି ରାଜଧାନୀରେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କର ଗୁରୁଦାୟିତ୍ୱ ରହୁଛି। ହେଲେ ଏଠାରେ ବଢ଼ି ଚାଲିଥିବା ସଂକ୍ରମଣକୁ ନେଇ ପୋଲିସ କର୍ମଚାରୀ ମଧ୍ୟ ଭୟଭୀତ ହୋଇପଡିଲେଣି। ପ୍ରଥମେ ଦେଖାଉଥିବା ସାହସ ଆଉ ଦେଖିବାକୁ ମିଳୁନି। କେତେଜଣ ପୋଲିସ କର୍ମଚାରୀ ସଂକ୍ରମଣର ଶିକାର ହେବା ପରେ ଥାନାଠୁ ଆରମ୍ଭ କରି ରାସ୍ତା, ବଜାର ଓ କଲୋନୀରେ କାର୍ଯ୍ୟରତ ପୋଲିସଙ୍କ ମୁହଁରେ ଭୟର ଚିହ୍ନ ଉଙ୍କି ମାରିଲାଣି। ଇତିମଧ୍ୟରେ ସ୍ଥିତିକୁ ନିୟନ୍ତ୍ରଣ ପାଇଁ ୧୪ ଦିନିଆ ଲକ୍‌ଡାଉନ୍ କଟକଣା ଲାଗୁ ହୋଇଛି। ଏଥର କଟକଣା ପୂର୍ବାପେକ୍ଷା କଡ଼ାକଡ଼ି କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ହେଲେ ଖାକିକୁ କରୋନା ଭୟ ଘାରିଥିବାରୁ କଡା କଟକଣା କିପରି କାର୍ଯ୍ୟକାରୀ ହେବ ତାହାକୁ ନେଇ ପ୍ରଶ୍ନ ଉଠୁଛି।

ପୂର୍ବରୁ ମାର୍ଚ୍ଚରୁ ମେ' ଲକ୍‌ଡାଉନ୍ ଲାଗୁ ହୋଇଥିଲା। ସେତେବେଳେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାରରେ ରହିଥିବାବେଳେ ପରବର୍ତ୍ତୀ ଦେଢ଼ମାସ ଭିତରେ ସଂକ୍ରମଣ ୧୬ ହଜାର ପାର କରିଛି। କେବଳ ଭୁବନେଶ୍ୱରରେ ହଜାରେ ପାଖାପାଖି ହେଲାଣି। ତେଣୁ ଫ୍ରଣ୍ଟଲାଇନ୍ ଯୋଦ୍ଧା ଭାବେ ଲଢୁଥିବା ପୋଲିସ ଏବେ ଅଧିକ ଭୟରେ ରହିଛି। ରାଜଧାନୀର ବିଭିନ୍ନ ଛକରେ ଯାଞ୍ଚ, ଅପରାଧୀଙ୍କୁ ଧରିବା ବେଳେ ଲୋକଙ୍କ ସଂସ୍ପର୍ଶରେ ସିଧାସଳଖ ଆସୁଥିବାରୁ ସଂକ୍ରମଣ ସମ୍ଭାବନା ଅଧିକ ରହୁଛି। ଇଣ୍ଡିଆନ୍ ପୋଲିସ ଫାଉଣ୍ଡେଶନ (ଆଇପିଏଫ) ତଥ୍ୟ ଅନୁଯାୟୀ, ଦେଶରେ ୨୨ ହଜାର ୯୨୫ ପୋଲିସ କର୍ମଚାରୀ କରୋନା ସଂକ୍ରମଣର ଶିକାର ହୋଇଥିବା ବେଳେ ୧୪୯ ଜଣଙ୍କ ମୃତ୍ୟୁ ଘଟିଛି। ଓଡ଼ିଶାରେ ୪୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪ଜଣଙ୍କ ମୃତ୍ୟୁ ଘଟିଲାଣି। ଅଧିକ ସତର୍କତାର ସହ କାର୍ଯ୍ୟ ନ କଲେ ବାରୁଦ ଗଦାରେ ନିଆଁ ଲାଗିବା ଭଳି ପୂରା ପୋଲିସ କର୍ମଚାରୀ ସଂକ୍ରମିତ ହୋଇଯିବାର ଆଶଙ୍କା ରହିଛି।

ଏହାବାଦ୍ ଖାକି ସଂକ୍ରମଣର ଅନେକ କାରଣ ରହିଛି। ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ବସ୍ତିରେ ରହୁଥିବା ପୋଲିସ କର୍ମଚାରୀଙ୍କ ପାଇଁ ସଂକ୍ରମଣ ଆରମ୍ଭ ହୋଇଛି। ରାଜଧାନୀର ବିଭିନ୍ନ ଥାନାରେ କାର୍ଯ୍ୟ କରୁଥିବା ଏକାଧିକ ହୋମ୍‌ଗାର୍ଡ ଏବଂ କନ୍‌ଷ୍ଟେବଲ ଏବେ ସଂକ୍ରମଣ ବ୍ୟାପୁଥିବା ସାଲିଆସାହି, ପଥରବନ୍ଧ ଆଦି ବହୁ ବସ୍ତିରେ ରହୁଛନ୍ତି। ଏମାନେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହେବା ସହ କାର୍ଯ୍ୟକ୍ଷେତ୍ରରେ ଅନ୍ୟମାନଙ୍କୁ ସଂକ୍ରମଣ ବାଣ୍ଟିପାରନ୍ତି। କାରଣ ସେମାନେ ଥାନାରେ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ଚା' ଖାଦ୍ୟ ଦେବାରେ ସହଯୋଗ କରନ୍ତି। ଏଥିସହ ଥାନାକୁ ଆସୁଥିବା ଅଭିଯୋଗକାରୀ ଓ ରାସ୍ତାରେ ଯାଞ୍ଚବେଳେ ଗାଡ଼ିମୋଟରକୁ ଧରିଥାନ୍ତି। ଯାଞ୍ଚ ଓ ଜରିମାନା ଆଦାୟବେଳେ ଅଧିକାଂଶ ପୋଲିସ ଗ୍ଲୋଭ୍ସ ଓ ସାନିଟାଇଜର ବ୍ୟବହାର କରୁ ନ ଥିବାରୁ ଅଜାଣତରେ ସଂକ୍ରମିତ ହେବାର ମଧ୍ୟ ସମ୍ଭାବନା ରହୁଛି। ଜରିମାନା କାଟିବା ସମୟରେ ପୋଲିସ ଧରୁଥିବା କଲମ ସେମାନଙ୍କୁ ଦସ୍ତଖତ କରିବାକୁ ଦେଉଛି। ବିନା ଗ୍ଲୋଭ୍ସରେ ଲୋକଙ୍କଠାରୁ ଜରିମାନା ଟଙ୍କା ନେଉଛି। ସେମାନେ ମଧ୍ୟ ବାରାକ୍ ଆସି ଏକାଧିକ ଫୋର୍ସ ଓ ଘରେ ପରିବାର ସଦସ୍ୟଙ୍କ ସହ ମିଳାମିଶା କରୁଛନ୍ତି। ତେଣୁ ସଂକ୍ରମଣ ସହଜରେ ବ୍ୟାପିବା ଆଶଙ୍କାକୁ ଏଡାଇ ଦେଇହେଉନି।

### ଗିରଫବେଳେ ମାନୁନାହାନ୍ତି ଏସ୍‌ଓପି

ଅଭିଯୁକ୍ତଙ୍କୁ ଗିରଫ ବେଳେ ପୋଲିସକୁ କ'ଣ ମାନିବାକୁ ହେବ ସେନେଇ କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଗ୍ଲୋଭ୍ସ, ମାସ୍କ ଓ ସାନିଟାଇଜର ବ୍ୟବହାର ସହ ସତର୍କ ରହିବାକୁ କୁହାଯାଇଛି। ହେଲେ ତାହାକୁ ପାଳନ କରାଯାଉ ନାହିଁ। ବିଶେଷକରି ଅଧିକାଂଶ କନ୍‌ଷ୍ଟେବର ଅଭିଯୁକ୍ତଙ୍କୁ ମେଡିକାଲ ବା ଜେଲ୍ ନେବାବେଳେ ତାଙ୍କ ସଂସ୍ପର୍ଶରେ ଆସୁଥିବାରୁ ସଂକ୍ରମଣ ଆଶଙ୍କା ରହୁଛି। କାରଣ ଇତିମଧ୍ୟରେ ବହୁ ଅଭିଯୁକ୍ତ ଗିରଫ ପରେ ହିଁ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଛି। ତେଣୁ ଏସ୍‌ଓପି ପାଳନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

### ଏମାନଙ୍କ ମୁହଁରୁ...



"ଲୋକମାନଙ୍କ ମଧ୍ୟରେ ସଚେତନତା ନାହିଁ। ସେମାନଙ୍କୁ ବାରମ୍ବାର ସଚେତନ କଲେ ମଧ୍ୟ ବୁଝୁନାହାନ୍ତି। ବିନା କାମରେ ଘରୁ ବାହାରି ବିପଦକୁ ଡାକି ନେଉଛନ୍ତି। ପୂର୍ବ ଲକ୍‌ଡାଉନ ଅପେକ୍ଷା ଏବେ ଡ୍ୟୁଟି କଲାବେଳେ ଅଧିକ ଭୟ ଲାଗୁଛି। ଆମେ ନିଜକୁ ନିଜେ ସୁରକ୍ଷିତ ବୋଲି ଭାବି ପାରୁନୁ। ତଥାପି କର୍ତ୍ତବ୍ୟ ହିଁ କରିବାକୁ ପଡିବ।
– ସୁରେଶଚନ୍ଦ୍ର ଦାଶ, ହାବିଲଦାର



"ମନରେ କେଉଁଠି ନା କେଉଁଠି ଭୟ ତ ନିଶ୍ଚିତ ରହୁଛି। ହେଲେ ଜନତାଙ୍କ ସେବା କରିବା ପାଇଁ ପୋଲିସ ଚାକିରି ବାଛିଛୁ। ରୋଗର ଭୟଠାରୁ ଲୋକଙ୍କ ସେବାରେ ଅନେକ ଆନନ୍ଦ ମିଳୁଛି। ଏହା ଆଗକୁ କାମ କରିବା ପାଇଁ ପ୍ରେରଣା ଯୋଗାଉଛି।
– ସନ୍ତୋଷିନୀ ବେହେରା, ଏସ୍‌ଆଇ



"ଭୁବନେଶ୍ୱରରେ ଯେପରି ସଂକ୍ରମଣ ବଢୁଛି, ଆଗ ଅପେକ୍ଷା ଏବେ ଅଧିକ ଭୟ ଲାଗୁଛି। ଆମେ ସତର୍କତାର ସହ ଚେକିଂ କରିବା ସହ ଜରିମାନା କାଟୁଛୁ। କ'ଣ କରିବା, ଆଗକୁ ଯାହା ହେବା କଥା ହେବ।
– ଜୟ କିଶୋର ପଟ୍ଟନାୟକ, ଏଏସ୍‌ଆଇ



"ଆମେ ପୋଲିସ ଚାକିରି କରିଛୁ, ସବୁବେଳେ ପରିସ୍ଥିତିକୁ ଚ୍ୟାଲେଞ୍ଜ କରୁଛି। ଏବେ କରୋନାର ମୁକାବିଲା କରୁଛୁ। ଅଜଣା ଶତ୍ରୁ ହେଉ ଅବା ଅଜଣା ରୋଗ, ଡ୍ୟୁଟି ସମୟରେ ସବୁ ଭୟ ଛାଡ଼ିବାକୁ ହେବ। କରୋନା ଭଳି ଅଦୃଶ୍ୟ ଭାଇରସ୍ ସହ ଲଢେଇ କରୁଛୁ, ବିଜୟ ନିଶ୍ଚିତ ହେବୁ।
– ଦୋଳଗୋବିନ୍ଦ ଦାସ, ଏସ୍‌ଏସ୍‌ବି

## ହଟ୍‌ସ୍ପଟ୍ ଜିଲାରୁ ଆସୁଥିବା ରୋଗୀଙ୍କ ଚିକିତ୍ସା ନ କଲେ କାର୍ଯ୍ୟାନୁଷ୍ଠାନ

- ଘରୋଇ ହସ୍ପିଟାଲ, କ୍ଲିନିକ୍‌କୁ ଚେତାବନୀ
- ୧୦୦କୁ ଫୋନ୍ କରି ଜଣାଇପାରିବେ ରୋଗୀ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ରାଜ୍ୟରେ ଘରୋଇ ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଶନିବାର କଡ଼ା ଚେତାବନୀ ଦେଇଛନ୍ତି। ହଟ୍‌ସ୍ପଟ୍ ଜିଲାଗୁଡ଼ିକରୁ ଆସୁଥିବା ରୋଗୀଙ୍କ ଚିକିତ୍ସା ନ କଲେ ସମ୍ପୃକ୍ତ ହସ୍ପିଟାଲ ଓ କ୍ଲିନିକ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ହଟ୍‌ସ୍ପଟ୍ ଜିଲାରୁ ଆସୁଥିବା ରୋଗୀଙ୍କୁ କେତେକ ଘରୋଇ ହସ୍ପିଟାଲ ଆଡ୍‌ମିଟ୍ କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି। ଏପରି ରୋଗୀଙ୍କୁ ତୁରନ୍ତ ଭର୍ତ୍ତି କରି ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଘରୋଇ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। କରୋନା ଭଳି ମହାମାରୀ ସମୟରେ ରୋଗୀଙ୍କ ଚିକିତ୍ସା ନ କରିବା ନୀତିଗତ ଭୁଲ୍ ଓ ବେଆଇନ। ହସ୍ପିଟାଲ ଓ କ୍ଲିନିକକୁ ଆସୁଥିବା ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଦରକାର। ଏଥିସହିତ ଯଦି କୌଣସି ରୋଗୀ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ବା କୌଣସି ଘରୋଇ ହସ୍ପିଟାଲ ଚିକିତ୍ସା ନ କରନ୍ତି ତେବେ ରୋଗୀଙ୍କ ସମ୍ପର୍କୀୟ ଟୋଲ୍ ଫ୍ରି ନମ୍ବର ୧୦୦କୁ ଫୋନ୍ କରି ଜଣାଇପାରିବେ ବୋଲି ତ୍ରିପାଠୀ କହିଛନ୍ତି।

**ସଂକ୍ଷେପରେ**

## ଏସ୍‌ଆଇଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

ମହିଳା ଏସ୍‌ଆଇଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ

**ଜଗତ୍‌ସିଂହପୁର ଅଫିସ,୧୮।୭:** ଜଗତ୍‌ସିଂହପୁର ଜିଲାର ଜଣେ ସବ୍‌ଇନ୍‌ସପେକ୍ଟର (ଏସ୍‌ଆଇ) ଜଣେ ମହିଳା ଏସ୍‌ଆଇଙ୍କୁ ଯୌନ ନିର୍ଯାତନା ଦେବାସହ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ମହିଳା ଏସ୍‌ଆଇଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ଥାନାରେ ଆଇପିସି ଦଫା ୩୭୬(୨)(ଏନ୍)/୩୧୨/ ୫୦୬/୧୦୯/ ୩୪/ଆଇଟି ଆକ୍ଟ ୬୬ଇରେ ମାମଲା (ନଂ.୨୨୦/୨୦) ରୁଜୁ ହୋଇଛି। ଏଥିସହ ମହିଳା ଏସ୍‌ଆଇଙ୍କ ଡାକ୍ତରୀମାଇନା କରାଯାଇଥିବା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଉଭୟ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଥିବା ଆଇଆଇସି ମିଶ୍ର କହିଛନ୍ତି। ସୂଚନା ଅନୁଯାୟୀ, ପ୍ରତାରଣା କରିଥିବା ଏସ୍‌ଆଇ ଜଣକ ପାରାଦୀପର ଏକ ଥାନାରେ କାର୍ଯ୍ୟରତ। ମହିଳା ଏସ୍‌ଆଇ ଜଣକ ଅନ୍ୟ ଜିଲାରେ କାର୍ଯ୍ୟ କରନ୍ତି। ମହିଳା ଏସ୍‌ଆଇ ୧୭ ତାରିଖରେ ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆରଙ୍କ ନିକଟରେ ପହଞ୍ଚି ଯୌନ ନିର୍ଯାତନା ଓ ପ୍ରତାରଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ମହିଳା ଏସ୍‌ଆଇଙ୍କ ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ଏସ୍‌ଆଇ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କୁ ଏକାଧିକ ବାର ପୁରୀ, ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନକୁ ନେଇ ଯୌନ ସମ୍ପର୍କ ରଖିଥିଲେ। ଏଥିଯୋଗୁ ସେ ଗର୍ଭବତୀ ହୋଇଥିଲେ। ପରେ ଅଭିଯୁକ୍ତ ଏସ୍‌ଆଇଙ୍କ ନିର୍ଦ୍ଦେଶ ଏବଂ ତାଙ୍କ ସମ୍ପର୍କୀୟଙ୍କ ପ୍ରରୋଚନାରେ ସେ ଗର୍ଭନଷ୍ଟ କରିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ପୁରୀର ମୋଟ ପଜିଟିଭ ସଂଖ୍ୟା ୩୯୮

**ପୁରୀ ଅଫିସ,୧୮।୭:** ପୁରୀ ଜିଲାରୁ ଶନିବାର ୬ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୫ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩୯୮ରେ ପହଞ୍ଚିଛି । ଏମାନଙ୍କ ମଧ୍ୟରୁ ଶନିବାରର ୧୫ ଜଣଙ୍କୁ ମିଶାଇ ମୋଟ ୩୧୧ ଜଣ ସୁସ୍ଥ ହୋଇଥିବା ବେଳେ ୮୪ ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କରୋନାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ଜାତୀୟସ୍ତରରେ ଡା. ଦୀନବନ୍ଧୁ ମହାରଣା ସମ୍ମାନିତ



**କଟକ ଅଫିସ,୧୮।୭:** ଆୟୁର୍ବେଦର ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ କଟକର ଡା. ଦୀନବନ୍ଧୁ ମହାରଣାଙ୍କୁ ସମ୍ମାନିତ କରାଯାଇଛି। କିଛି ଦିନ ତଳେ ରାଜସ୍ଥାନର ଜୟପୁରରେ ଥିବା ଭାରତ ସରକାରଙ୍କ ଜାତୀୟ ଆୟୁର୍ବେଦ ଅନୁଷ୍ଠାନ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ (ଏନ୍‌ଆଇଏ) ପକ୍ଷରୁ ସଂପ୍ରତି ମହାମାରୀ କରୋନାକୁ ପ୍ରତିରୋଧ କରିବା ଲକ୍ଷ୍ୟ ନେଇ ଏକ ସର୍ବଭାରତୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୁର୍ବେଦ ମାଧ୍ୟମରେ ଖାଦ୍ୟ ପୋଷଣ ଓ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଉପରେ ଉକ୍ତ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏଥିରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ଶର୍ମା ଓ ପ୍ରଫେସର ମିତା କୋଟେଚା ଅତିଥି ଭାବେ ଯୋଗ ଦେଇଥିଲେ। ଆୟୁର୍ବେଦ ଚିକିତ୍ସା ଓ ଗବେଷଣା ଭିତ୍ତିକ ସ୍ୱାସ୍ଥ୍ୟ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ଆୟୁର୍ବେଦ ଚିକିତ୍ସକ ଓ ଡିଲିଟ୍‌ପ୍ରାପ୍ତ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।



କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ।

## ଏସ୍‌ଓପି ପାଳିବେ କଟକର ସବୁ ହସ୍ପିଟାଲ

କଟକ ଅଫିସ,୧୮।୭

**ଫୋକସ୍‌ରେ କ୍ୟାନ୍‌ସର ହସ୍ପିଟାଲ, ଏସ୍‌ସିବି**

କଟକ ସହରର ଦୁଇଟି ପ୍ରମୁଖ ମେଡିକାଲ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲରୁ କିଛିଦିନ ହେଲା ବହୁ ସଂଖ୍ୟାରେ କରୋନା ଆକ୍ରାନ୍ତ ବାହାରିବା ଚିନ୍ତାରେ ପକାଇଛି। ତେଣୁ ଉଭୟ ମେଡିକାଲ ରାଜ୍ୟ ସରକାର ଜାରି କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) କଡ଼ାକଡ଼ି ପାଳନ କରିବେ। ସହରର ଅନ୍ୟ ସବୁ ଘରୋଇ ଓ ସରକାରୀ ହସ୍ପିଟାଲ ମଧ୍ୟ ଏସ୍‌ଓପି ମାନିବାକୁ କୁହାଯାଇଛି। କଟକ ଜିଲାରେ କରୋନା ମୁକାବିଲା ନେଇ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। କରୋନା ସଂକ୍ରମଣ ରୋକିବାକୁ ନିଆଯାଇଥିବା ପଦକ୍ଷେପ ଓ ଚିକିତ୍ସା ସେବା ବିଷୟରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ସହ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ। ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ସରକାରଙ୍କ କରୋନା ସମ୍ପର୍କିତ ଏସ୍‌ଓପି କଡ଼ାକଡ଼ି ପାଳନ କରିବା ପାଇଁ ଜିଲାପାଳ ଓ ସିଏମ୍‌ସି କମିଶନରଙ୍କୁ ନିର୍ଦ୍ଦେଶ ହୋଇଥିଲା। ରୋଗୀସେବାରେ ବାଧା କିମ୍ବା ମେଡିକାଲରେ ଭିଡ଼ ନ ହେବା ପାଇଁ ଟେଲି ମେଡିସିନ ସେବା ଆରମ୍ଭ କରାଯିବ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ୧୪ଦିନିଆ ଲକ୍‌ଡାଉନ କଟକଣା ବ୍ୟାପକ କରିବାକୁ ଜୋର୍ ଦେଇଥିଲେ। ଗ୍ରାମାଞ୍ଚଳରେ ବିଡିଓମାନେ କୋଭିଡ ମ୍ୟାନେଜମେଣ୍ଟ କମିଟି ଗଠନ କରି ସ୍ଥିତି ତଦାରଖ କରିବେ। କମିଶନର ଅନନ୍ୟା ଦାସ ଓ ଡିଆର୍‌ଡିଏ ପିଡି ଅବଦଲ ଅଖତର ସିଏମ୍‌ସି, ଗ୍ରାମାଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋଭିଡ କେୟାର ହୋମରେ ଦିଆଯାଉଥିବା ଚିକିତ୍ସା ସେବା, ଟେଷ୍ଟିଂ, ଟ୍ରେସିଂ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ଜିଆର୍‌ପି ଏସ୍‌ପିଙ୍କୁ ଦିଆଗଲା ତଦନ୍ତ ରିପୋର୍ଟ

ଭୁବନେଶ୍ୱର,୧୮।୭ (ବ୍ୟୁରୋ)/ କଟକ ଅଫିସ

**ଆଦିତ୍ୟ ଦାସଙ୍କ ମୃତ୍ୟୁ ମାମଲା**

- ବିଦ୍ୟାଶ୍ରୀଙ୍କ ମା', ଭାଇଙ୍କୁ କଟକସ୍ଥିତ ବାସଭବନରେ ଜେରା
- ସବୁ ସନ୍ଦେହ ହତ୍ୟା ଉପରେ ଦୃଢ଼ୀଭୂତ

ସାମାଜିକ କର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ମାମଲାରେ ଜିଆର୍‌ପି ଥାନା ପୋଲିସ ଶନିବାର ତଦନ୍ତ ସମ୍ପର୍କିତ ଏକ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିଛି। ଏହାପୂର୍ବରୁ ୪ଜଣିଆ ଟିମ୍ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀଙ୍କ ବାପଘର କଟକ କାଜିବଜାରସ୍ଥିତ ବାସଭବନକୁ ଯାଇ ତାଙ୍କ ମା' ଓ ଭାଇଙ୍କୁ ୧ ଘଣ୍ଟା ଧରି ଜେରା କରିଛି। ସ୍ୱାମୀସ୍ତ୍ରୀ ଓ ଉଭୟ ପରିବାର ମଧ୍ୟରେ କିପରି ସମ୍ପର୍କ ରହିଥିଲା, ଝଗଡ଼ାନେଇ ବିଦ୍ୟାଶ୍ରୀ କିଛି ଜଣାଇଥିଲେ କି, ଏମିତି ଅନେକ ପ୍ରସଙ୍ଗରେ ପଚରାଉଚରା କରିଥିଲା ପୋଲିସ। ଏଥିସହ ଶୁକ୍ରବାର ବିଦ୍ୟାଶ୍ରୀ, ଆଦିତ୍ୟଙ୍କ ମା'ବାପା ଓ ପଡୋଶୀଙ୍କୁ ଜେରା ବେଳେ ସେମାନେ ଦେଇଥିବା ବୟାନ ଆଧାରରେ ଆଉକିଛି ତଥ୍ୟ ପାଇବାକୁ ପୋଲିସ ଚେଷ୍ଟା କରିଥିଲା। ଏହାପରେ କଟକସ୍ଥିତ ଜିଆର୍‌ପି ଏସ୍‌ପିଙ୍କୁ ଭେଟି ଉକ୍ତ ରିପୋର୍ଟ ପ୍ରଦାନ କରିଥିଲା।

ତଦନ୍ତ ଜୋର୍‌ଦାର କରାଯାଇଥିଲେ ମଧ୍ୟ ଏଯାଏ ଆଦିତ୍ୟଙ୍କ ମୃତ୍ୟୁର ରହସ୍ୟ ପାଇପାରୁନି ଜିଆର୍‌ପି ଥାନା ପୋଲିସ। ଗତ ୬ ତାରିଖରେ ଆଦିତ୍ୟ ଘରୁ ବାହାରିଥିବାବେଳେ ପରଦିନ ସକାଳେ ଲିଙ୍ଗରାଜ ଷ୍ଟେଶନ ନିକଟ ରେଳ ଧାରଣାରୁ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ହତ୍ୟା ମାମଲା ରୁଜୁ କରାଯିବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଛି। ଇତିମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ ସରିଛି। ପୁରୁଷୋତ୍ତମ ଏକ୍ସପ୍ରେସ୍ ଆଦିତ୍ୟଙ୍କୁ ଧକ୍କା ଦେଇଥିବା ନେଇ ପୋଲିସ ଯେଉଁ ସନ୍ଦେହ କରୁଥିଲା ତାହା ମଧ୍ୟ ଦୂର ହୋଇଛି। ଏବେ ସବୁକିଛି ସନ୍ଦେହ ହତ୍ୟା ଉପରେ ହିଁ ଦୃଢ଼ୀଭୂତ ହୋଇଛି। ଏସବୁ ସହ ସିସିଟିଭି ଫୁଟେଜକୁ ନେଇ ମଧ୍ୟ ପୋଲିସ ତା'ର ତଦନ୍ତକୁ ଆଗକୁ ବଢ଼ାଇଛି। ଆଦିତ୍ୟ ଆତ୍ମହତ୍ୟା କରିଛନ୍ତି ବା ତାଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ଟ୍ରେନ ଲାଇନରେ ଫୋପାଡିଦିଆଯାଇଛି, ତାହାକୁ ସ୍ପଷ୍ଟ କରିପାରୁନି ପୋଲିସ। ତେବେ ପୋଲିସ ତଦନ୍ତର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଥିବାବେଳେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଭିକ୍ଷା ମାଗି ଲକ୍ଷେ ଦାନ

ଖୋର୍ଦ୍ଧା ଅଫିସ,୧୮।୭

- ଜୀବନ ଯୁଦ୍ଧରେ ଯୋଦ୍ଧା ରଘୁ
- ହାର ମାନିଛି ଅକ୍ଷମତା, ବୟସ



ରଘୁ ରାଉତ

ଖୋର୍ଦ୍ଧା ଜିଲା ବାଘମାରିସ୍ଥିତ ହଟକେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ରୁହନ୍ତି ଗଞ୍ଜାମ ଜିଲାର ରଘୁ ରାଉତ। ବୟସ ୭୦ ଟପିଲାଣି। ଦୃଷ୍ଟିବାଧିତ ହୋଇଥିଲେ ମଧ୍ୟ ସେ ଆଶା ହରାଇ ନାହାନ୍ତି। ଜୀବନ ଯୁଦ୍ଧରେ ଯୋଦ୍ଧାଟିଏ ସାଜି ଜାରି ରଖିଛନ୍ତି ସଂଘର୍ଷ। ଭିକ୍ଷା ମାଗି ରଘୁ ଶନି ମନ୍ଦିର ତୋଳିବା ପାଇଁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଯାହାକୁ ନେଇ ବାଘମାରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୃଢ଼ ଇଚ୍ଛା ଶକ୍ତି ଆଗରେ ବୟସ ଓ ଅକ୍ଷମତା କିଭଳି ତୁଚ୍ଛ ହୋଇଯାଏ ତାହାର ଉଦାହରଣ ସାଜିଛନ୍ତି।

ସୂଚନାଥାଉ କି, ଗଞ୍ଜାମ ଜିଲାରେ ରଘୁଙ୍କ ଘର ହୋଇଥିବା ବେଳେ ପିଲାବେଳୁ ଦୃଷ୍ଟିହୀନର ଶିକାର ହୋଇ ପରିବାର ଦ୍ୱାରା ଲାଞ୍ଛିତ ହୋଇ ଗାଁରୁ ପଳାଇ ଆସିଥିଲେ। ପ୍ରାୟ ୧୦ବର୍ଷ ହେବ ସେ ହଟକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରହୁଛନ୍ତି। ଦୃଷ୍ଟିବାଧିତ ହୋଇଥିବାରୁ ସେ ଦିନରେ ବୁଲିବୁଲି ଭିକ୍ଷା କରିବା ପରେ ସନ୍ଧ୍ୟା ହେଲେ ମହାଦେବଙ୍କ ମନ୍ଦିର ନିକଟରେ ବିଶ୍ରାମ ନେଇଥାନ୍ତି। ଏକଦା ମନ୍ଦିର ନିକଟରେ ବିଶ୍ରାମ ନେବା ସମୟରେ ଶନି ମନ୍ଦିର ତୋଳିବା ନେଇ ତାଙ୍କ ମନରେ ଆସିଥିଲା। ଏହା ପରେ ଭିକ୍ଷାବୃତ୍ତିରୁ ମିଳୁଥିବା ଅର୍ଥ ସଞ୍ଚୟ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଶନି ମନ୍ଦିର ନିର୍ମାଣ ଆରମ୍ଭ କରିଛନ୍ତି। ରଘୁ ପ୍ରଥମ ପର୍ଯ୍ୟାୟରେ ୫୦ହଜାର, ପରବର୍ତ୍ତୀ ସମୟରେ ୫୦ହଜାର ଟଙ୍କା ମନ୍ଦିର ନିର୍ମାଣ ଲାଗି ଦାନ କରିଛନ୍ତି। କରୋନା କଟକଣା ପାଇଁ ଗତ ୪ମାସ ହେବ ଭିକ୍ଷାବୃତ୍ତି ବନ୍ଦ ରହିଥିବା ବେଳେ ମନ୍ଦିର ପ୍ରାଙ୍ଗଣରେ ମହାଦେବଙ୍କୁ ସ୍ମରଣ କରି ତାଙ୍କର ଦିନ କଟିଯାଉଛି। ମହାଦେବ ଓ ଶନିଦେବଙ୍କ କୃପାରୁ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମହାପ୍ରଭୁଙ୍କୁ ସମର୍ପଣ ଭାବ ନେଇ ଭକ୍ତି କଲେ ସଫଳତା ନିଶ୍ଚିତ ମିଳିବ ବୋଲି ରଘୁ କହିଛନ୍ତି। ଏ ସମ୍ପର୍କରେ ହଟକେଶ୍ୱର ମନ୍ଦିର ଟ୍ରଷ୍ଟି ଅକ୍ରୁର ରଣା କହିଛନ୍ତି, ରଘୁଙ୍କ କାର୍ଯ୍ୟ ପ୍ରଶଂସନୀୟ, ସେ ଅନ୍ୟମାନଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଛନ୍ତି। ଋଷି ପ୍ରତିମ ପରି ମଣିଷଟିଏ। କେହି ଭିକ୍ଷା ଦେଉ କି ନ ଦେଉ, କାହା ପ୍ରତି ତାଙ୍କ ମନରେ କୌଣସି ଦ୍ୱେଷ ନାହିଁ। ଏ ବୟସରେ ମଧ୍ୟ ଈକକଶ୍ୱରଙ୍କ ପ୍ରତି ତାଙ୍କ ନିଷ୍ଠା, ସମର୍ପଣ ଭାବ ଦେଖିଲେ ଗର୍ବ ଅନୁଭବ ହୁଏ। ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ବୋଲି ସେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ଭଡ଼ା- 65,000 | ବାଇକ୍ | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୪୧ଜଣଙ୍କ ସ୍ୱାବ ନେଗେଟିଭ

କଟକସଦର,(ଡି.ଏନ.ଏ): କଟକସଦର ବ୍ଲକରୁ ବିଭିନ୍ନ ପଞ୍ଚାୟତରୁ ସଂଗୃହୀତ ୪୧ଜଣ ସ୍ୱାବ ପରୀକ୍ଷା ପାଇଁ ଯାଇଥିବାବେଳେ ଶନିବାର ସେସବୁର ରିପୋର୍ଟ ନେଗେଟିଭ ଆସିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ପ୍ରହରାଜପୁର ପଞ୍ଚାୟତରୁ ସର୍ବାଧିକ ୧୯ଜଣ, ଫକିରପଡ଼ା ୧୦, ଅରିଲୋ ୫, ସୋମପୁର ୫, ନିମେଇପୁରରୁ ୨ଜଣ ରହିଛନ୍ତି। ଏମାନେ ସମସ୍ତେ ଉକ୍ତ ଅଞ୍ଚଳଗୁଡ଼ିକର ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ।

## ସଂକ୍ଷେପରେ

### ଅଗଷ୍ଟ ୩୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସ୍କୁଲ ବନ୍ଦ

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ମହାମାରୀ କରୋନା ଯୋଗୁ ଆସନ୍ତା ଅଗଷ୍ଟ ୩୧ ପର୍ଯ୍ୟନ୍ତ ସମସ୍ତ ସ୍ୱତନ୍ତ୍ର ସ୍କୁଲ ବନ୍ଦ ରହିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସବୁ ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ରାଜ୍ୟର ୨୩ ଜିଲାରେ ୧୦୩ ସ୍ୱତନ୍ତ୍ର ସ୍କୁଲ୍ ରହିଛି। ପୂର୍ବରୁ ଗାଇଡ୍‌ଲାଇନ୍ ଅନୁଯାୟୀ, ଏହି ସ୍ୱତନ୍ତ୍ର ସ୍କୁଲ୍‌ଗୁଡ଼ିକୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ କରୋନା ସଂକ୍ରମଣକୁ ନଜରରେ ରଖି ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସ୍କୁଲଗୁଡ଼ିକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ଗୋପ ବ୍ଲକର ୧୦ ଦୋକାନ ସିଲ୍

ଗୋପ,୧୮।୭(ଡି.ଏନ୍.ଏ.): ଗୋପ ବ୍ଲକ ଅଞ୍ଚଳରେ କରୋନାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି । ହେଲେ ଏହି ଅଞ୍ଚଳରେ ଜନସାଧାରଣ ଓ ଦୋକାନୀମାନେ କୋଭିଡ ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଶନିବାର ଓ ରବିବାର ଶଟ୍‌ଡାଉନ ଥିବାବେଳେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଗୋପ, ନାଗପୁର, ବେଗୁନିଆ, କୁଶୁପୁର ବଜାରରେ ୧୦ରୁ ଊର୍ଦ୍ଧ୍ୱ ଖୋଲାଯାଇଥିବା ଅମାନିଆ ଦୋକାନରେ ତାଲା ପକାଇଥିବା ସୂଚନା ଦେଇଛନ୍ତି। ତହସିଲଦାର ଶନିବାର ପୂର୍ବାହ୍ନରେ ଅଚାନକ ଖୋଲାଥିବା ଦୋକାନଗୁଡ଼ିକରେ ଚଢ଼ାଉ କରି ଗ୍ରାହକ ଓ ଦୋକାନୀଙ୍କୁ ତାଗିଦ୍ କରିବା ସହ ଦୋକାନକୁ ସିଲ୍ କରିଛନ୍ତି।

### ୬୬୭ ପରିବାରକୁ ହୋମିଓପାଥି ବଣ୍ଟନ

ପୁରୀ ଅଫିସ,୧୮।୭: କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ଶ୍ରୀମନ୍ଦିର ସେବାୟତ, କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ହୋମିଓପାଥି ଔଷଧ ବଣ୍ଟନ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ ପୁରୀ ସହାୟତାରେ ୨ଦିନ ଧରି ନୀଳାଦ୍ରି ଭକ୍ତ ନିବାସ ପରିସରରେ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ୨ୟ ଦିନରେ ପ୍ରତିହାରୀ, ପୂଜାପଣ୍ଡା, ଗରାବଡୁ, ହଡ଼ପନାୟକ, ରୁପକାର, ଚିତ୍ରକର, ଭୋଇ, ମହାରଣା, କୋଠଭୋଗ ସେବକ ଏବଂ ଅନ୍ୟ ନିଯୋଗ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ମିଶାଇ ୬୬୭ ଜଣଙ୍କୁ ଔଷଧ ଦିଆଯାଇଥିଲା। ଦୁଇଦିନରେ ମୋଟ ୧,୦୨୫ ପରିବାରକୁ ହୋମିଓପାଥି ଦିଆଯାଇଛି। ଏହି ଶିବିରକୁ ଗବେଷଣା ଅଧିକାରୀ ଡା. ଉମାକାନ୍ତ ପୃଷ୍ଟି, ଡା. ଅକ୍ଷୟ ପୃଷ୍ଟି ଏବଂ ଶ୍ରୀମନ୍ଦିର ଚିକିତ୍ସାଳୟର ହୋମିଓପାଥିକ ଚିକିତ୍ସକ ଡା. ପଞ୍ଚାନନ ପ୍ରଧାନ ପରିଚାଳନା କରିଥିଲେ।

### ଖୋର୍ଦ୍ଧା, ଜଟଣୀରେ ଯାଞ୍ଚ କଡ଼ାକଡ଼ି

ଖୋର୍ଦ୍ଧା ଅଫିସ,୧୮।୭: କରୋନା ସଂକ୍ରମଣ ପ୍ରତିହତ ପାଇଁ ରାଜ୍ୟ ସରକାର ରାଉରକେଲା ମହାନଗର ନିଗମ ସମେତ ଖୋର୍ଦ୍ଧା, ଗଞ୍ଜାମ ଓ ଯାଜପୁର ଜିଲାକୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏନେଇ ଶନିବାର ଖୋର୍ଦ୍ଧା ଓ ଜଟଣୀରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ବିନା କାରଣରେ ବାଇକ୍ ଧରି ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ୬ପ୍ଲାଟୁନ ଫୋର୍ସ କରାଯାଇଥିବା ବେଳେ ସେଥିରୁ କେବଳ ଖୋର୍ଦ୍ଧାରେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ସମସ୍ତ ଦୋକାନୀଙ୍କୁ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରଖି ବେପାର କରିବା ଲାଗି ତାଗିଦ୍ କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସଂକ୍ରମଣ ଭୟରେ ସଚେତକ ଉଭାନ

ଭୁବନେଶ୍ୱର,୧୮।୭ (ବ୍ୟୁରୋ)



- ଦିନକରେ ଉତ୍ତର ଭୁବନେଶ୍ୱରରୁ ୨୬ ନୂଆ ପଜିଟିଭ
- ଭୁବନେଶ୍ୱରରୁ ପୁଣି ୮୭ ନୂଆ ଆକ୍ରାନ୍ତ, ୩୭ ସୁସ୍ଥ

ଭୁବନେଶ୍ୱରରେ ବର୍ତ୍ତମାନ ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଚତୁର୍ଥ ଦିନରେ ୫୦ରୁ ଊର୍ଦ୍ଧ୍ୱରେ ରହିଛି। ସହରରେ ଲକ୍‌ଡାଉନ୍ ଚାଲିଥିବାବେଳେ ସଂକ୍ରମଣକୁ ଏଡ଼ାଇବା ପାଇଁ ବିଏମ୍‌ସି ନାନା କାର୍ଯ୍ୟ ହାତକୁ ନେଇଛି। ହେଲେ କିଛି କାର୍ଯ୍ୟରେ ବିଏମ୍‌ସି ଅଧିକାରୀଙ୍କ ଅବହେଳା ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି। ବର୍ତ୍ତମାନ ସହରରେ ସଂକ୍ରମଣ ବଢୁଥିବାବେଳେ ଲୋକଙ୍କ ପାଇଁ ଗଠିତ ସଚେତକ ସଦସ୍ୟ ଏକ ପ୍ରକାର ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଛି। କିଛି ୱାର୍ଡରେ ସଚେତକମାନେ ୱାର୍ଡ ଅଫିସରଙ୍କ ସହ ଲୋକଙ୍କ ଭଲମନ୍ଦ ବୁଝୁଥିବାବେଳେ ଅଧିକାଂଶ ୱାର୍ଡରେ ସଚେତକଙ୍କ ଦେଖା ମିଳୁ ନାହିଁ। ଏହି ସମସ୍ୟା ଏବେ ବିଏମ୍‌ସିର ଉତ୍ତର ଜୋନ୍‌ରେ ନଜରକୁ ଆସିଥିବାବେଳେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଲକଡାଉନର ପ୍ରଥମ ଦିନରେ ତଥା ଶନିବାର ଭୁବନେଶ୍ୱରରୁ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ଉତ୍ତର ଜୋନ୍‌ରୁ ୨୬ ଚିହ୍ନଟ ହୋଇଥିବା ବିଏମ୍‌ସି ଟୁଇଟ କରି ସୂଚନା ଦେଇଛି।

ସୂଚନାମୁତାବକ, ହସ୍ପିଟାଲ ସଂକ୍ରମିତ, ବସ୍ତିରୁ ଚିହ୍ନଟ ତଥା ହଟ୍‌ସ୍ପଟ୍ ଜିଲା ଫେରନ୍ତାମାନେ ଉତ୍ତର ଭୁବନେଶ୍ୱରରେ ଏବେ ସଂକ୍ରମଣକୁ ବୃଦ୍ଧି କରାଇବାରେ ଲାଗିଛନ୍ତି। ମେ’ ଯାଏ ଉତ୍ତର ଭୁବନେଶ୍ୱରରେ ଗୋଟିଏ ବି ପଜିଟିଭ୍ ଚିହ୍ନଟ ହୋଇ ନ ଥିବାବେଳେ ବର୍ତ୍ତମାନ ୨୦୦ରୁ ଊର୍ଦ୍ଧ୍ୱ ଚିହ୍ନଟ ହୋଇଛନ୍ତି। ଯାହାକି ବିଏମ୍‌ସି ଉତ୍ତର ଜୋନ୍ କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଛି। ଜୋନ୍‌ରେ ମୋଟ ୨୧ ୱାର୍ଡ ଥିବାବେଳେ ସମସ୍ତ ୱାର୍ଡରେ ସଚେତକ କମିଟି ଗଠନ ହୋଇଛି ସତ ହେଲେ ଅଧିକାଂଶ ସ୍ଥାନରେ ସଂକ୍ରମଣ ଭୟରେ ସଚେତକମାନେ ନିଜ କାର୍ଯ୍ୟ ତୁଲାଉ ନାହାନ୍ତି। ବିଶେଷକରି ପଟିଆ, ଶିଖରଚଣ୍ଡୀ, ଚନ୍ଦ୍ରଶେଖରପୁରର ନୀଳାଦ୍ରି ବିହାର, ଶୈଳଶ୍ରୀ ବିହାର, ଭିଏସ୍ଏସ୍ ନଗର, ମଞ୍ଚେଶ୍ୱର ଆଦି ସ୍ଥାନରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି। ଜୋନ୍‌ର ପାଖାପାଖି ୧୫ ୱାର୍ଡରେ ଏବେ ସଚେତକ କମିଟି କାର୍ଯ୍ୟ କରୁ ନ ଥିବାରୁ ଏଭଳି ସ୍ଥିତି ହୋଇଛି।

ଶନିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୪୧ ସଙ୍ଗରୋଧର ଏବଂ ୪୬ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଶିଶୁ ଓ ବାଳିକା/ବାଳକ ଅଛନ୍ତି। ଅଧିକାଂଶ ଆକ୍ରାନ୍ତ ୪୦ ବର୍ଷ ବୟସ ଭିତରେ ହୋଇଥିବାବେଳେ ୬ ଜଣ ବରିଷ୍ଠ ନାଗରିକ ଚିହ୍ନଟ ହୋଇଛନ୍ତି। ରାଜଧାନୀରେ ଶନିବାର ୩୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ସୁସ୍ଥ ସଂଖ୍ୟା ୪୯୪ରେ ପହଞ୍ଚିଥିବାବେଳେ ୬୨୪ଜଣ ସକ୍ରିୟ ସଂକ୍ରମିତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ରାଜଧାନୀର ୪୫ ସ୍ଥାନରେ କଡ଼ା ଯାଞ୍ଚ



ଭୁବନେଶ୍ୱର,୧୮।୭ (ବ୍ୟୁରୋ)

- ଜରିମାନା ଗଣିଲେ ୨୨୩୮ ଉଲ୍ଲଂଘନକାରୀ
- ଖାଦ୍ୟ, ପାଣି ସମସ୍ୟା ଭୋଗିଲେ ବସ୍ ଓ ଟ୍ରେନ ଯାତ୍ରୀ

ରାଜଧାନୀ ଭୁବନେଶ୍ୱରରେ ୧୪ ଦିନିଆ ଲକ୍‌ଡାଉନ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଡିସିପି (ସିକ୍ୟୁରିଟି)ଙ୍କ ନେତୃତ୍ୱରେ ସହରର ୪୫ ସ୍ଥାନରେ ଚେକ ପଏଣ୍ଟ ବ୍ୟବସ୍ଥା କରାଯାଇଛି। ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥରେ ବିନା ଯାଞ୍ଚରେ କାହାକୁ ଛଡ଼ାଯାଉନାହିଁ। ଚିକିତ୍ସା କିମ୍ବା ଅନ୍ୟ ଜରୁରୀ କାମରେ ଆସୁଥିବା ଲୋକଙ୍କୁ ଆବଶ୍ୟକ ଯାଞ୍ଚପରେ ଛଡ଼ାଯାଉଛି। ଏହାଛଡା ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ପରିଚୟପତ୍ର ବା କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଅନୁମତିପତ୍ର ଦେଖାଇ ଛଡ଼ାଯାଉଛି। ଟିକେଟ ଦେଖାଇ ଯାତ୍ରୀମାନେ ଏୟାରପୋର୍ଟ ଓ ରେଳ ଷ୍ଟେଶନକୁ ଯାଉଛନ୍ତି। ମାତ୍ର ଯାଞ୍ଚବେଳେ ୨୨୩୮ଜଣ ଉଲ୍ଲଂଘନକାରୀ ଧରାପଡିବା ସହ ଜରିମାନା ଗଣିଛନ୍ତି।

ଏପଟେ ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ସ୍ଥାନରେ ଲୋକେ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଭୁବନେଶ୍ୱର ରେଳ ଷ୍ଟେଶନରେ କରୋନା କଟକଣା ଅଧିକ କଡାକଡି ଥିଲା। ଯେଉଁ ଟ୍ରେନ୍ ଲାଗୁଥିଲା ସେହି ଯାତ୍ରୀଙ୍କୁ କେବଳ ଛଡ଼ାଯାଉଥିଲା। ଅନ୍ୟମାନେ ଷ୍ଟେଶନ ବାହାରେ ଅପେକ୍ଷା କରି ରହୁଥିଲେ। କୋଲକାତା ଓ ଝାଡଖଣ୍ଡ ଯିବାକୁ ଥିବା ଶତାଧିକ ଲୋକ ଷ୍ଟେଶନ ବାହାରେ ଅପେକ୍ଷା କରିଥିଲେ। ପୋକ ଓ ଶୋଷର ସମ୍ମୁଖୀନ ହୋଇ ନାନା ହଟହଟା ହୋଇଥିଲେ। ସମାନ ଅବସ୍ଥା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଦେଖିବାକୁ ମିଳିଥିଲା। ବିଶେଷକରି ପିଲା ଓ ବୟସ୍କମାନେ ଅଧିକ ହଇରାଣ ହୋଇଥିଲେ।

# ପରିବର୍ଦ୍ଧିତ ଜିଲାମୁଖ୍ୟ ଚିକିତ୍ସାଳୟର ଭୂମିପୂଜନ କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

## ୩ ଦିନିଆ ନବରଙ୍ଗପୁର ଗସ୍ତ




ଭୂମିପୂଜନ ଅବସରରେ ଯୋଜନାବୋର୍ଡ ଅଧକ୍ଷ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ୩ଦିନିଆ ଗସ୍ତରେ ଯାଇ ଶନିବାର ନବରଙ୍ଗପୁରଠାରେ ୨ଶହ ଶଯ୍ୟାବିଶିଷ୍ଟ ପରିବର୍ଦ୍ଧିତ ଜିଲା ମୁଖ୍ୟ ଚିକିତ୍ସାଳୟର ଭୂମି ପୂଜନ କରିଛନ୍ତି। ୧୦.୮୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଚିକିତ୍ସାଳୟ ଲାଗି ନିକଟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୨୦ ଶଯ୍ୟା ରହିଛି। ରୋଗୀଙ୍କ ଭିଡ଼ ଓ ଉନ୍ନତ ଚିକିତ୍ସା ସେବାକୁ ଦୃଷ୍ଟିରେ ରଖି ଏହାର ସମ୍ପ୍ରସାରଣ ପରିକଳ୍ପନା କରାଯାଇଥିଲା। ଏହି ପରିବର୍ଦ୍ଧିତ ଚିକିତ୍ସାଳୟ ଆଗାମୀ ଦିନରେ ନବରଙ୍ଗପୁର ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦେବାରେ ସହାୟକ ହୋଇପାରିବ ବୋଲି ଦାସବର୍ମା କହିଛନ୍ତି।

ଗସ୍ତ ସମୟରେ ଦାସବର୍ମା ମହାମାରୀ କରୋନାର ସଫଳ ମୁକାବିଲା ପାଇଁ ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହ ଏହାର ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ନବରଙ୍ଗପୁର ଜିଲାରେ ଥିବା ପର୍ଯ୍ୟଟନସ୍ଥଳୀ ହିର୍ଲି ଡଙ୍ଗରୀ ପରିଦର୍ଶନ କରି କିଭଳି ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିହେବ ସେନେଇ ଆଲୋଚନା କରିଥିଲେ। ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଓ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବି.ଏଡ୍ କଲେଜସ୍ଥିତ କୋଭିଡ୍-୧୯ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିବା ସହ ଦାସବର୍ମା ସ୍ଥାନୀୟ ବଡ଼ମସିଗାଁ ଓ କୋଷାଗୁମୁଡ଼ାକୁ ନିକଟରେ ଭାଙ୍ଗି ଯାଇଥିବା ବ୍ରିଜ୍ ବୁଲି ଦେଖିଥିଲେ। ଗମନାଗମନରେ ସୁବିଧା ପାଇଁ ନିର୍ମାଣାଧୀନ ଥିବା ବ୍ରିଜ କାମ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲାପାଳ ଡ. ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ଅବ୍ୟବସ୍ଥା

ପୁରୁଣା ଭୁବନେଶ୍ୱର,୧୮।୭(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ ୫୯ନଂ. ୱାର୍ଡ ନୂଆଗାଁ ଅଞ୍ଚଳରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଉକ୍ତ ଅଞ୍ଚଳକୁ ଜୁଲାଇ ୩ରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଘୋଷଣାର ପ୍ରଥମ ଦିନରେ ସାନିଟାଇଜ୍ କରାଯିବା ସହ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦିଆଯିବ ବୋଲି କୁହାଯାଇଥିଲା। ହେଲେ କଣ୍ଟେନମେଣ୍ଟ ହୋଇ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା ୱାର୍ଡ ଅଫିସର ଲୋକଙ୍କ ଅସୁବିଧା ସମ୍ପର୍କରେ ବୁଝିବାକୁ ଆସି ନ ଥିବା ଅଭିଯୋଗ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ଠିକ୍‌ରେ ଦିଆଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ଅଞ୍ଚଳର ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ କୌଣସି ଅଧିକାରୀ ନ ଆସିବା ଏବଂ କଣ୍ଟେନମେଣ୍ଟ ଜୋନ କେତେଦିନ ପର୍ଯ୍ୟନ୍ତ ରହିବ କିଛି ଜଣାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କଟକଣା ରହିଥିଲେ ମଧ୍ୟ କେତେଜଣ ଯୁବକ ନିୟମ ଉଲ୍ଲଂଘନ କରି ବାହାରେ ବୁଲୁଛନ୍ତି, ଫଳରେ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଏ ନେଇ ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି, ଉକ୍ତ ଗ୍ରାମରେ ଆକ୍ରାନ୍ତ ସଂଖ୍ୟା ବଢୁଥିବାବେଳେ ଏବେ ୯୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଛି। ଏମାନଙ୍କ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ରହିବ।

# ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ




ନିରାକାରପୁର,୧୮।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ରୋଗୀମାନେ ମେଡିଶିନ ଦୋକାନ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ଡାକ୍ତର, ପୁରୁଷ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ଦୁଇ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ଡାକ୍ତରଖାନା ସକାଳ ୮ଟାରୁ ମଧ୍ୟାହ୍ନ୧୨ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବା ନେଇ ସରକାରଙ୍କ ନିୟମ ରହିଛି। କିନ୍ତୁ ଡାକ୍ତରମାନେ ସମୟ ପୂର୍ବରୁ ପଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ସହିତ ଶନିବାର ଓ ରବିବାର ଡାକ୍ତରମାନେ ଆସୁ ନ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଓ କର୍ମଚାରୀଙ୍କ ରହିବା ପାଇଁ ବାସଗୃହ ଥିବାବେଳେ ଏଠାରେ ନ ରହି ଯାତାୟାତ କରୁଛନ୍ତି। ଫଳରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀମାନେ ୨୬ କି.ମି. ଖୋର୍ଦ୍ଧା ମେଡିକାଲକୁ ଯିବାକୁ ପଡୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି କହିଛନ୍ତି, ଏ ନେଇ ମୋ ନିକଟରେ ଖବର ନାହିଁ। ଏହା ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ‘ବିପଦର ବନ୍ଧୁ ହୋଇ କାର୍ଯ୍ୟ କରିବା’

ଭୁବନେଶ୍ୱର,୧୮।୭ (ବ୍ୟୁରୋ)

ଓଡ଼ିଶା ଅଗ୍ନିଶମ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସ୍‌ପନ୍ସ) ବରମୁଣ୍ଡାରେ ଶନିବାର ୩୦ତମ ଅଗ୍ନିଶମ କେନ୍ଦ୍ରାଧିକାରୀ ପ୍ରଶୀକ୍ଷକଙ୍କ ସମାବର୍ତ୍ତନ ଉତ୍ସବ ହୋଇଯାଇଛି। ୧୯ଜଣ ଅଗ୍ନିଶମ କେନ୍ଦ୍ରାଧିକାରୀ ତାଙ୍କର ୧୯ ମାସର ପ୍ରଶୀକ୍ଷଣ ଅବଧି ଶେଷ କରି ଏହି ଉତ୍ସବରେ ଭାଗ ନେଇଥିଲେ। ଏଥିରେ ଅଧିକାରୀମାନଙ୍କୁ ପ୍ରତିଷ୍ଠାନ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଶପଥ ପାଠ କରିଥିଲେ। ଅଗ୍ନିଶମ ବିଭାଗର ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଭାବେ ତାଲିମ ନେଇଥିବା ଅଧିକାରୀଙ୍କୁ ଉପଦେଶ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜନସାଧାରଣଙ୍କ ବିପଦର ବନ୍ଧୁ ହୋଇ କାର୍ଯ୍ୟ କରି ଲୋକାଦୃତ ହୋଇପାରିବେ ବୋଲି କହିଥିଲେ। ଏଥିସହ ନୂତନ ଅଧିକାରୀମାନେ ‘ଉଇ ସର୍ଭ ଟୁ ସେଭ’ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅଗ୍ନିଶମ ଅତିରିକ୍ତ ମହାନିର୍ଦ୍ଦେଶ ଡ.ସୌମ୍ୟା ମିଶ୍ର ଓ ଆରକ୍ଷୀ ମହାନିର୍ଦ୍ଦେଶକ ଅସିତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ବୈଦ୍ୟୁତିକ ଗଣମାଧ୍ୟମର ଜଣେ କର୍ମଚାରୀ ପଜିଟିଭ

ବାଲକାଟୀ,୧୮।୭(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ସରକଣା ପଞ୍ଚାୟତରେ ଜଣେ ୪୪ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ହୋଇଥିବା ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି। ଚିହ୍ନଟ ବ୍ୟକ୍ତିଜଣକ ଭୁବନେଶ୍ୱରରେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ସେ ପ୍ରତ୍ୟହ ଗ୍ରାମରୁ ଅଫିସ ଯାତାୟାତ କରୁଥିବାବେଳେ କାହା ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇପାରି ନାହିଁ।

## ୭ ବାଲି ବେଝେଇ ଟ୍ରକ୍ ଜବତ

ନିଶ୍ଚିନ୍ତକୋଇଲି,୧୮।୭ (ସ୍ୱ.ପ୍ର.)

କଟକ- ଚାନ୍ଦବାଲି ରାସ୍ତାରୁ ଶନିବାର ୭ ବେଆଇନ୍ ବାଲି ବେଝେଇ ଟ୍ରକ୍ ଜବତ କରାଯାଇଛି। ଜରିମାନା ବାବଦରେ ଗାଡ଼ି ମାଲିକଙ୍କଠାରୁ ୯୨,୮୦୦ ଟଙ୍କା ଜବତ କରାଯାଇଛି। ନିଶ୍ଚିନ୍ତକୋଇଲି ତହସିଲଦାର ଜୀତେନ୍ଦ୍ର ପାତ୍ର ଓ କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହି ଚଢ଼ାଉ ହୋଇଥିଲା। ଜରିମାନା ଆଦାୟ ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଛି।

# ମହାପ୍ରସାଦ ବାହକ ସଂଘର ସହାୟତା ଦାବି

## ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲା ସଂଘ

ପୁରୀ ଅଫିସ,୧୮।୭

କରୋନା ପାଇଁ ୪ ମାସ ହେଲାଣି ଶ୍ରୀମନ୍ଦିର ବନ୍ଦ ରହିଛି। ଏହାର ପ୍ରଭାବ ସେବାୟତଙ୍କ ବ୍ୟତୀତ ମହାପ୍ରସାଦ ବାହକ ଅର୍ଥାତ୍ ବୋଝିଆଙ୍କ ଉପରେ ପଡ଼ିଛି। ତେଣୁ ମହାପ୍ରସାଦ ବାହକ ସଂଘ ଆର୍ଥିକ ସହାୟତା ଦାବି କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଗୁହାରି ଜଣାଇଛନ୍ତି। ଶନିବାର ସଂଘ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ସଂଘ ସଦସ୍ୟମାନେ ମହାପ୍ରଭୁଙ୍କ ମହାପ୍ରସାଦକୁ ଗର୍ଭଗୃହରୁ ଆନନ୍ଦ ବଜାର ଏବଂ ସେଠାରୁ ଚାରିଦ୍ୱାରକୁ ବୋଝରେ ଆଣି ପହଞ୍ଚାଇଥାନ୍ତି। ସଂଘର ପ୍ରାୟ ୨୦୦ ସଦସ୍ୟ ଏହି କାର୍ଯ୍ୟ ସହ ବର୍ଷତମାମ୍ ମହାପ୍ରଭୁଙ୍କର ଅନ୍ୟ ସେବା କରିଥାନ୍ତି। ବର୍ତ୍ତମାନ କରୋନା ପାଇଁ ଦୈନିକ ସେମାନଙ୍କ ସଂଖ୍ୟାକୁ ୫୦ ଭିତରେ ସୀମିତ ରଖିଛନ୍ତି। କିନ୍ତୁ ପରିତାପର ବିଷୟ ଏପର୍ଯ୍ୟନ୍ତ ସେମାନଙ୍କୁ କୌଣସି ପ୍ରକାର ମାନ୍ୟତା ମିଳି ନାହିଁ। ଦୀର୍ଘବର୍ଷ ଧରି ସେମାନେ ଏହି ସେବା କରିଆସୁଥିବାବେଳେ ଅନ୍ୟମାନେ ଏହାକୁ କରିବା ଅସମ୍ଭବ। ଏଥିରେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କା ଥାଏ। ବିଗତ ଦିନରେ ମହାପ୍ରସାଦ ନେବା ସମୟରେ ଦୁର୍ଘଟଣା ଘଟି ସଂଘର ୨ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ କୌଣସି କାମ କରିବାକୁ ସକ୍ଷମ ହେଉନାହାନ୍ତି। ତେଣୁ ସେମାନଙ୍କ ଦୁଃଖ ଏବଂ ଦୁର୍ଦ୍ଦଶାକୁ ନଜରରେ ରଖି ନ୍ୟାୟୋଚିତ ଅଧିକାର, ଦୁର୍ଘଟଣାଜନିତ ଚିକିତ୍ସା ଓ କ୍ଷତିପୂରଣ ଦେବାକୁ ସଦସ୍ୟମାନେ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ କରୋନା ବିପତ୍ତି ସମୟରେ ସେମାନଙ୍କ ପରିବାର ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ତେଣୁ ଆର୍ଥିକ ସହାୟତା ପ୍ରଦାନ ଲାଗି ନିବେଦନ କରିଛନ୍ତି।

# ରାଖୀ ବେପାର ବୁଡ଼ାଇଲା ଲକ୍‌ଡାଉନ

କଟକ ଅଫିସ,୧୮।୭

କଟକ ସହରରେ ରାଖୀ ପୂର୍ଣ୍ଣିମାର ଗୋଟିଏ ମାସ ଆଗରୁ ବ୍ୟବସାୟୀମାନେ ଷ୍ଟଲ୍ ଖୋଲି ରାଖୀର ପସରା ମେଲାନ୍ତି। କିନ୍ତୁ ଏବର୍ଷ କରୋନା ସେମାନଙ୍କର ଏହି ଋତୁକାଳୀନ ବେପାର ବୁଡ଼ାଇଦେଇଛି। ଲକ୍‌ଡାଉନ କଟକଣା କୋହଳ ଥିବାରୁ ବ୍ୟବସାୟୀମାନେ ଭଲ ବେପାର ହେବ ବୋଲି ଆଶା ରଖିଥିଲେ। କିନ୍ତୁ ହଠାତ୍ ୧୪ ଦିନିଆ ଲକ୍‌ଡାଉନ ଘୋଷଣା ହେବା ଯୋଗୁ ସବୁ ଫସର ଫାଟିଛି। ବିକ୍ରି ପାଇଁ ଆସିଥିବା ରାଖୀ ସବୁ ଏବେ ଗୋଦାମ ଘରେ। କିଛି ଦିନ ହେବ ଯାହା କିଛି ବେପାର ହୋଇଛି, ସେଥିରୁ ମୂଳ ବି ଉଠି ନ ଥିବାରୁ ବ୍ୟବସାୟୀ ଏବେ ଚିନ୍ତାରେ ପଡ଼ିଛନ୍ତି।

କଟକ ସହରର ବକ୍ସିବଜାର, ଚୌଧୁରୀ ବଜାର, ଦୋଳମୁଣ୍ଡାଇ, କଲେଜ ଛକ ଓ ରାଣୀହାଟ ଅଞ୍ଚଳରେ ରାଖୀର ଷ୍ଟଲ୍ ପଡ଼େ। ୨ ଶହରୁ ଊର୍ଦ୍ଧ୍ୱ ପ୍ରକାର ରାଖୀ ବିକ୍ରି ହୁଏ। ଦିଲ୍ଲୀ, ଗୁଜରାଟ, କଲିକତା ଓ ଜଟଣୀ ଅଞ୍ଚଳରୁ କଟକ ସହରକୁ ରାଖୀ ଆସେ। ସିଲଭର ସିଟି ହୋଇଥିବାରୁ କଟକରେ ରୁପା ରାଖୀର ମଧ୍ୟ ଚାହିଦା ଅଧିକ ରହିଛି। ଛୋଟ ପିଲାଙ୍କ ପାଇଁ ଟେଡି ବିୟର, ମୋଟୁ ପତଲୁ, ପୋକେମନ ରାଖୀ ଭଲ ବିକ୍ରି ହୁଏ। ୨ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ରାଖୀ ବଜାରରେ ମିଳେ। ଚଳିତ ବର୍ଷ କରୋନା କଟକଣା ଯୋଗୁ ବାହାର ରାଜ୍ୟରୁ ଆସୁଥିବା ରାଖୀ କମ୍ ପରିମାଣରେ ଅର୍ଡର କରାଯାଇଛି। କିନ୍ତୁ ଯେତିକି ଆସିଛି, ଲକ୍‌ଡାଉନ ଘୋଷଣା ହେବା ପରେ ସେତିକି ବିକ୍ରି ହେବ କି ନାହିଁ, ତାହା ଆଶଙ୍କା ପ୍ରକାଶ ପାଇଲାଣି। ଅନ୍ୟପକ୍ଷରେ ଗ୍ରାହକମାନେ ମଧ୍ୟ ରାଖୀ କିଣିବା ପୂର୍ବରୁ ବଜାର ବନ୍ଦ ହେବା ସେମାନଙ୍କୁ ନିରାଶ କରିଛି। ରାଖୀ କିଣି ଡାକ କିମ୍ବା କୋରିୟରରେ ବାହାରକୁ ପଠାଇବା ଚିନ୍ତା ମଧ୍ୟ ଅନେକଙ୍କୁ ଘାରିଛି।

## ସେମାନଙ୍କ ମତରେ...



“ରାଖୀ ପୂର୍ଣ୍ଣିମାକୁ ଆହୁରି ୨୦ ଦିନ ବାକି ରହିଥିଲେ ବି ଚଳିତବର୍ଷ ବ୍ୟବସାୟ ଭଲ ହୋଇନାହିଁ। ପୂର୍ବ ବର୍ଷଗୁଡ଼ିକରେ ଦିନକୁ ୨୦ରୁ ୨୫ ହଜାର ଟଙ୍କା ବ୍ୟବସାୟ ହେଉଥିବା ବେଳେ ଏବର୍ଷ ୧୦ ହଜାର ଟଙ୍କାର ରାଖୀ ମଧ୍ୟ ବିକ୍ରି ହେବା କଷ୍ଟକର।

– ଅବିନାଶ ନନ୍ଦ, ବ୍ୟବସାୟୀ, ଚୌଧୁରୀ ବଜାର



“ଜଟଣୀରୁ ସବୁବର୍ଷ ରାଖୀ ଆଣି ବ୍ୟବସାୟ କରିଥାଏ। ହେଲେ ଏହି ୧୪ ଦିନିଆ ଲକ୍‌ଡାଉନ ସବୁ ଉଜାଡ଼ିଦେଲା। କିଛି ବି ବ୍ୟବସାୟ କରିନି। ବଜାର ବନ୍ଦ। ଫଳରେ ନିଜେ ନିରାଶ ହେବା ସହ ଗ୍ରାହକ ବି ନିରାଶ ହୋଇଛନ୍ତି।

– ଶିଶିର ନାୟକ, ବ୍ୟବସାୟୀ, ଚୌଧୁରୀ ବଜାର



“ପ୍ରତିବର୍ଷ ୧୫ ଦିନ ପୂର୍ବରୁ ରାଖୀ କିଣିଥାଏ। ହେଲେ ଏବର୍ଷ ସବୁ ଦୋକାନ ବି ବନ୍ଦ। ଲକ୍‌ଡାଉନ ସମୟରେ ଦୋକାନକୁ ଯାଇ ହେଲାନି। ଜୁଲାଇ ୩୧ ପରେ ଦୋକାନ ଖୋଲିବ କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ନୁହେଁ। ଖୋଲିବା ପରେ ଅଧିକ ଦାମ୍ ହେଲେ ମଧ୍ୟ କିଣିବାକୁ ବାଧ ହେବୁ।

– ସସ୍ମିତା ସାହୁ, ଗ୍ରାହକ

